Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 ✦ Issue No:58 ✦ 20 June 2026 (Saturday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୫୮ ✦ ୨୦ ଜୁନ୍ ୨୦୨୬ (ଶନିବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬

‘ବିକାଶର ଧାରା, ଓଡ଼ିଶା ସାରା’ରେ ଯୋଗଦେବେ ପ୍ରଧାନମନ୍ତ୍ରୀ

ମୟୂରଭଞ୍ଜ,୧୯/୬(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (୨୦ ଜୁନ୍ ୨୦୨୬)ରେ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ରହିବେ ଯାହା ରାଜ୍ୟ ପାଇଁ ଏକ ବିରଳ ତଥା ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ସମୟରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଗ୍ରାମ ପରିଦର୍ଶନ କରିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପବିତ୍ର ସାନ୍ତାଳୀ ଜାହେରା ଏବଂ ହୋ ଜାହେରା ଠାରେ ପ୍ରାର୍ଥନା କରିବେ ଏବଂ ଦକ୍ଷତା ବିକାଶ କେନ୍ଦ୍ର ଓ ପାହାଡପୁର ସ୍କୁଲ ବୁଲି ଦେଖିବେ। ଏହି ଗସ୍ତ ଆଦିବାସୀ ଓ ଗ୍ରାମାଂଚଳରେ ଶିକ୍ଷାଗତ ସୁଯୋଗ, ଦକ୍ଷତା ବିକାଶ ଏବଂ ସାମାଜିକ-ଆର୍ଥିକ ସଶକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସର ପ୍ରତିଫଳନ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂରଣ ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି ‘ବିକାଶର ଧାରା, ଓଡ଼ିଶା ସାରା’। ଏହି ଅବସରରେ ୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମ ସମୟରେ, ଶକ୍ତି, ଶିଳ୍ପ ଭିତିଭୂମି, ସଡ଼କ ଯୋଗାଯୋଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଏବଂ ଜଳସେଚନ ସମେତ ପ୍ରମୁଖ କ୍ଷେତ୍ରର ପ୍ରକଳ୍ପଗୁଡ଼ିକର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ସମଗ୍ର ଓଡ଼ିଶାରେ ଭିତିଭୂମିକୁ ସୁଦୃଢ଼ କରିବ, ଯୋଗାଯୋଗରେ ଉନ୍ନତି ଆଣିବ, ଶକ୍ତି ସୁରକ୍ଷା ବୃଦ୍ଧି କରିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ସମାବେଶୀ ଓ ସାମଗ୍ରିକ ବିକାଶ ଦୃଷ୍ଟିକୋଣକୁ ପ୍ରତିଫଳିତ କରି, ଏହି ପଦକ୍ଷେପଗୁଡ଼ିକ ଆଦିବାସୀ ତଥା ଗ୍ରାମାଂଚଳରେ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବ ଏବଂ ରାଜ୍ୟର ପ୍ରତ୍ୟେକ କୋଣରେ ବିକାଶର ଲାଭ ପହଚାଂଇବ। ଶିଳାନ୍ୟାସ ହେବାକୁ ଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୬୦୦ ମେଗାୱାଟ୍ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଏବଂ ଇବ୍ ତାପଜ ବିଦ୍ୟୁତ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପର ୬୬୦ ମେଗାୱାଟ୍ ଲେଖାଏଁ ଦୁଇଟି ୟୁନିଟ୍ ଅନ୍ତର୍ଭୁକ୍ତ। ଏହା ଘରୋଇ କୋଇଲା ସମ୍ପଦର ସ୍ୱଚ୍ଛ ବ୍ୟବହାରକୁ ପ୍ରୋତ୍ସାହିତ କରିବ, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ ଏବଂ ସ୍ଥାନୀୟ ଅଚଂଳରେ ନୂତନ ଶିଳ୍ପ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାକୁ ଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ଏକ ୩୦୦ ଟିପିଡି ଉତ୍ସ-ପୃଥକୀକରଣ ପୌର କଠିନ ବର୍ଜ୍ୟବସ୍ତୁ ଆଧାରିତ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଂଟ, କଟକ ଓ ଭୁବନେଶ୍ୱରକୁ ସିଧାସଳଖ ସଂଯୋଗ କରୁଥିବା କାଠଯୋଡି ନଦୀ ଉପରେ ଏକ ସେତୁ, ବୌଦ୍ଧ ଜିଲ୍ଲାର ଧଳପୁର-ହରଭଙ୍ଗା ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଏବଂ ନୂଆପଡାରୁ ଘାଟିପଡା ପର୍ଯ୍ୟନ୍ତ ଏନଏଚ-୩୫୩ର ଏକ ଅଂଶକୁ ଚାରି ଲେନ କରିବା, କୁସୁମଡିହି ବୃହତ ଉଠା ଜଳସେଚନ ପ୍ରକଳ୍ପ, ଇଗ୍ନୋ ଆଚଂଳିକ କେନ୍ଦ୍ର ଏବଂ ରାଇରଙ୍ଗପୁରରେ ଇଣ୍ଡୋର ବ୍ୟାଡମିଂଟନ କମ୍ପ୍ଲେକ୍ସ ଇତ୍ୟାଦି ରହିଛି।

ରାଜ୍ୟରେ ବିପର୍ଯ୍ୟସ୍ତ ଭତା ବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୧୯/୬(ନି/ପ୍ର): ରାଜ୍ୟରେ ଗତ ୩ ମାସ ହେବ ପ୍ରାୟ ୧୮ ଲକ୍ଷ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତା ମିଳିନଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଚିଠି ମାଧ୍ୟମରେ ସେ ରାଜ୍ୟର ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କ ଦୁର୍ଦ୍ଦଶାକୁ ନେଇ ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ କରିଛନ୍ତି। ଭତା ନମିଳିବାରୁ ଗଞ୍ଜାମରେ ଜଣଙ୍କର ମୃତ୍ୟୁ ଅଭିଯୋଗ ହୋଇଛି। ନବୀନ ପଟ୍ଟନାୟକ ଚିଠିରେ ଦର୍ଶାଇଛନ୍ତି ଯେ, କ୍ରମାଗତ ଭାବେ ୩ ମାସ ଧରି ଭତା ବନ୍ଦ ରହିବା ଯୋଗୁଁ ଗରିବ ଓ ଅସହାୟ ଲୋକେ ଚରମ ଦୁର୍ଦ୍ଦଶା ଓ ଅନାହାର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ଗତ ୩ ମାସ ହେବ ପ୍ରାୟ ୧୮ ଲକ୍ଷ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତା ମିଳିନଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରିକି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ାର ସାବିତ୍ରୀ ଡୋରା ନାମକ ଜଣେ ବୃଦ୍ଧା ଭତା ନପାଇ ଜୀବନ ହରାଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଛି, ଯାହାକି ଏକ ଜନକଲ୍ୟାଣକାରୀ ରାଜ୍ୟରେ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ସଫ୍ଟୱେର ଜନିତ ସମସ୍ୟା ପାଇଁ ଏତେ ବଡ଼ ବିଳମ୍ବ ଘଟିବା ସରକାରଙ୍କ ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି କହିଛନ୍ତି ନବୀନ। ବୈଷୟିକ ତ୍ରୁଟି ଆଳରେ ଗରିବ ଲୋକଙ୍କ ଅଧିକାରକୁ ବଳି ଚଢ଼ାଯାଇପାରିବ ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି। ସେପଟେ ଗୁରୁବାର ନବୀନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସରକାରଙ୍କୁ ସମାଲୋଚନା କରିବା ସହ ଶୀଘ୍ର ଭତା ଦେବାକୁ କହିଥିଲେ।

ଅଲ୍ଲୁ ଅର୍ଜୁନଙ୍କୁ କୋର୍ଟର ସମନ

ନୂଆଦିଲ୍ଲୀ,୧୯/୬:କୋର୍ଟରେ ହାଜର ହେବେ ତେଲଗୁ ଅଭିନେତା। ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ହାଇଦ୍ରାବାଦ ନାମପଲ୍ଲୀ କୋର୍ଟରୁ ସମନ। ଆସନ୍ତା ୨୨ ତାରିଖରେ ବ୍ୟକ୍ତିଗତ ଭାବରେ କୋର୍ଟରେ ହାଜର ହେବାକୁ ଅଲ୍ଲୁ ଅର୍ଜୁନଙ୍କୁ ସମନ କରାଯାଇଛି। ପୁଷ୍ପା ୨ ରେ ଦଳାଚକଟା ଏବଂ ପ୍ରଶଂସକ ମୃତ୍ୟୁ ମାମଲାରେ ଚିକ୍କଡପାଲି ପୋଲିସ ଆଲ୍ଲୁ ଅର୍ଜୁନଙ୍କୁ ଅଭିଯୁକ୍ତ ନମ୍ବର ୧୧ (ଇ୧୧) ଭାବରେ ନାମିତ କରିଛି। ସନ୍ଧ୍ୟା ଥିଏଟରର ପରିଚାଳନାକୁ ମଧ୍ୟ ଅଭିଯୁକ୍ତ ନମ୍ବର ୧ ରୁ ୧୦ (ଇ୧–ଇ୧୦) ଭାବରେ ତାଲିକାଭୁକ୍ତ କରାଯାଇଛି। ଡିସେମ୍ବର ୪,୨୦୨୪ରେ, ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ପୁଷ୍ପା ୨ ଦି ରୁଲ୍ ର ପ୍ରିମିୟର ଶୋ ସମୟରେ ଏକ ଦୁଃଖଦ ଦଳାଚକଟା ହୋଇଥିଲା।

ହୋର୍ମୁଜରୁ ଅବରୋଧ ହଟିଲା :

୬୨,୩୭୦ ଟନ୍ ଏଲଏନଜି ନେଇ ଭାରତରେ ପହଚିଂଲା ‘ଦିଶା’

ନୂଆଦିଲ୍ଲୀ,୧୯/୬; ଯୁଦ୍ଧରେ ଯବନିକା ପଡିଲା । ଶାନ୍ତିଚୁକ୍ତି ସ୍ୱାକ୍ଷର ହେଲା । ତେହେରାନ ସହ ପିସ୍ ଡିଲ୍ ସାଇନ ପରେ ଷ୍ଟ୍ରେଟ ଅଫ୍ ହୋର୍ମୁଜରୁ ବ୍ଲକେଡ ହଟାଇଲା ଆମେରିକା । ୬୦ ଦିନ ଅବଧି ଯାଏ ବ୍ଲକେଡ ହଟିବା ନେଇ ଜେଡି ଭାନ୍ସ ସୂଚନା ଦେଇଛନ୍ତି । ଆମେରିକା-ଇରାନ ଶାନ୍ତିଚୁକ୍ତି ଏବଂ ହୋର୍ମୁଜ ଉପରୁ ଅବରୋଧ ହଟାଇବା ପରେ ପରେ ଖୁସି ଖବର ଆସିଛି । ହଜାର ହଜାର ମେଟ୍ରିକ୍ ଟନ୍ ଏଲଏନଜି ବହନ କରିଥିବା ଏକ ଜାହାଜ ଭାରତରେ ପହଚିଂଛି । ସୁପରଟ୍ୟାଙ୍କର, ଏଲଏନଜିସି ଦିଶା, ଏଲଏନଜି ନେଇ ଗୁଜୁରାଟର ଭରୁଚରେ ଦହେଜ ବନ୍ଦରରେ ପହଚିଂଛି । ଇରାନ-ଆମେରିକା ଶାନ୍ତି ଚୁକ୍ତି ପରେ ଏହା ହେଉଛି ହୋରମୁଜ ପ୍ରଣାଳୀ ପାର ହୋଇ ଭାରତରେ ପହଚିଂବା ପ୍ରଥମ ଲିକ୍ୟୁଫାଏଡ ପ୍ରାକୃତିକ ଗ୍ୟାସ (ଏଲଏନଜି) ଜାହାଜ । ହଜାର ହଜାର ଟନ୍ ଗ୍ୟାସ ଆସିବା ଦ୍ୱାରା ଭାରତରେ ଏଲପିଜି ଯୋଗାଣରେ ଯଥେଷ୍ଟ ଆଶ୍ୱସ୍ତି ମିଳିବ ।ଭାରତରେ ପହଚିଂଲା ଏଲଏନଜି ଜାହାଜ-ଦହେଜ ବନ୍ଦରରେ ଏଲଏନଜି ବୋଝେଇ ଜାହାଜର ସୁରକ୍ଷିତ ଆଗମନକୁ ଶକ୍ତି କ୍ଷେତ୍ରରେ ଭାରତ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି । ହଜାର ହଜାର ଟନ୍ ଏଲଏନଜି ଆସିବା ଦ୍ୱାରା ସମୁଦ୍ରରେ ହଜାର ହଜାର ଜାହାଜ ଫସି ରହିଥିବା ସାଢ଼େ ତିନି ମାସର ଉତ୍ତେଜନାର ଅନ୍ତ ଘଟିଛି । ୬୨,୩୭୦ ମେଟ୍ରିକ୍ ଟନ୍ ଏଲଏନଜି ବହନ କରୁଥିବା ଏହି ଜାହାଜ ମାର୍ଚ୍ଚ ୨ ତାରିଖରୁ କତାରର ରାସ ଲାଫାନ ବନ୍ଦରରେ ଫସି ରହିଥିଲା ।ଇରାନ-ଆମେରିକା ବିବାଦ ଯୋଗୁଁ ଏହା ଭାରତରେ ପହଚିଂପାରି ନଥିଲା । ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, ଜାହାଜଟି କେବେ ପହଚିଂବ ତାହା ଜଣା ନଥିଲା । ଇରାନ-ଆମେରିକା ସାମରିକ ସଂଘର୍ଷ ଏହି ସାମୁଦ୍ରିକ ବାଣିଜ୍ୟ ମାର୍ଗକୁ ଏକ ବିପଜ୍ଜନକ ଯୁଦ୍ଧ କ୍ଷେତ୍ରରେ ପରିଣତ କରିଥିଲା । ତଥାପି, ଇରାନ ଏବଂ ଆମେରିକା ମଧ୍ୟରେ ଐତିହାସିକ ଶାନ୍ତି ଚୁକ୍ତି ପରେ, ଜାହାଜଟି ଜୁନ୍ ୧୫ ତାରିଖରେ ଖୋଲିଥିବା ହୋମୁଜ୍ ପ୍ରଣାଳୀ ଦେଇ ଯାତ୍ରା କରିଥିଲା । ଆଜି ଭାରତରେ ପହଚିଂଛି । ଅତ୍ୟାବଶ୍ୟକୀୟ ପ୍ରାକୃତିକ ଗ୍ୟାସର ସୁରକ୍ଷିତ ଆଗମନରେ ବିଶ୍ୱ ଜଳସୀମାରେ କୂଟନୈତିକ ଶାନ୍ତି ପୁନଃସ୍ଥାପିତ ହୋଇଛି । ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ଏହି ଜାହାଜ ପ୍ରାୟ ସାଢ଼େ ତିନି ମାସ ଧରି ଫସି ରହିଥିଲା । ଆମେରିକା-ଇରାନ ଯୁଦ୍ଧ ଶେଷ ହେବା ପରେ ହୋର୍ମୁଜ୍ ପ୍ରଣାଳୀରୁ ଭାରତରେ ପହଚିଂବା ଏହା ପ୍ରଥମ ଜାହାଜ । ଖଘଏଉ ଦିଶା ମାଲ୍ଟାର ଭାଲେଟା ବନ୍ଦରରେ ପଞ୍ଜୀକୃତ ହୋଇଥିଲା । ଏହି ଜାହାଜ ମାର୍ଚ୍ଚ ୧ ୨୦୨୬ ରେ କାତାରର ରାସ୍ ଲାଫାନରେ ପହଚିଂଥିଲା । ୨ ମାର୍ଚ୍ଚ ୨୦୨୬ ରେ ଖଘଏ କାର୍ଗୋ ଲୋଡ୍ କରାଯାଇଥିଲା । ଖଘଏ ଲୋଡ୍ କରିବା ପରେ, ଏହା ସେଠାରେ ଫସି ଯାଇଥିଲା । ଜାହାଜରେ ୬୨,୩୭୦ ମେଟ୍ରିକ୍ ଟନ୍ ଗ୍ୟାସ ଲୋଡ୍ ହୋଇଥିଲା ।

ନିଆମେରେ ଆତଙ୍କବାଦୀ ଆକ୍ରମଣ :

୧୧ ସୈନିକ ଏବଂ ୨ଜଣ ସାଧାରଣ ଲୋକଙ୍କ ମୃତ୍ୟୁ

ନିଆମେ,୧୯/୬: ନାଇଜରର ରାଜଧାନୀ ନିଆମେସ୍ଥିତ ଡିଓରି ହାମାନି ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଗୁରୁବାର ସକାଳେ ସଶସ୍ତ୍ର ଆକ୍ରମଣକାରୀ ଆକ୍ରମଣ କରିଛନ୍ତି। ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ଏହି ଆକ୍ରମଣରେ ୧୧ ସୈନିକ ଏବଂ ୨ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ୨୨ ଆକ୍ରମଣକାରୀ ମଧ୍ୟ ନିହତ ହୋଇଛନ୍ତି। ପ୍ରାୟ ୨୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଟେଲିଭିଜନରେ ପଢ଼ାଯାଇଥିବା ଏକ ବିବୃତିରେ କୁହାଯାଇଛି ଯେ ସ୍ଥାନୀୟ ସମୟ ପ୍ରାୟ ସକାଳ ୬ଟାରେ ଏହି ଆକ୍ରମଣ ଘଟିଥିଲା। ଆକ୍ରମଣକାରୀମାନେ ଏକ ଟ୍ୟାକ୍ସିରେ ସୁରକ୍ଷା ଚୌକି ନିକଟରେ ପହଚିଂଥିଲେ ଏବଂ ତା’ପରେ ସୁରକ୍ଷା ବାହିନୀ ସହିତ ସଂଘର୍ଷ କରିଥିଲେ। କିଛି ଘଟାଂ ଧରି ଅଚଂଳରେ ପ୍ରବଳ ଗୁଳିବର୍ଷା ହୋଇଥିଲା।ସେନା ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଥିଲା। ପରେ ମଧ୍ୟାହ୍ନ ସୁଦ୍ଧା ପରିସ୍ଥିତି ଶାନ୍ତ ହୋଇଥିଲା। ବିମାନବନ୍ଦରକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରାଯାଇଛି, ଏବଂ ବିମାନ ଯାତାୟାତ ସ୍ୱାଭାବିକ ଭାବରେ ଚାଲୁଛି। ପ୍ରାଥମିକ ସୂଚନା ଅନୁଯାୟୀ, ଚାରି ଜଣ ଆହତ ମଧ୍ୟ ହୋଇଛନ୍ତି। ଗତ ଜାନୁଆରିରେ ଏକ ବଡ଼ ଆକ୍ରମଣର ପାଚଂ ମାସ ପରେ ଏହି ଆକ୍ରମଣ ହୋଇଛି। ଏକ ଇସଲାମିକ୍ ଷ୍ଟେଟ୍ ସହଯୋଗୀ ବିମାନବନ୍ଦର କମ୍ପ୍ଲେକ୍ସ ଉପରେ ଆକ୍ରମଣ କରିଥିଲା। ନିଆମେ ବିମାନବନ୍ଦର ନାଇଜରର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି। ଜିଓ ସାହେଲ ଆତଙ୍କବାଦ ବିରୋଧୀ ବାହିନୀ, ରୁଷିଆ ସୈନ୍ୟ ଏବଂ ଏକ ଡ୍ରୋନ୍ ୟୁନିଟ୍ ସେଠାରେ ମୁତୟନ ଅଛନ୍ତି। ବିମାନବନ୍ଦରରେ ୟୁରାନିୟମ୍ ମଧ୍ୟ ସଂରକ୍ଷଣ କରାଯାଇଛି। ସମ୍ପ୍ରତି, କର୍ତ୍ତୃପକ୍ଷ ଆତଙ୍କବାଦୀ ଅନୁପ୍ରବେଶର ସମ୍ଭାବନାକୁ ଦର୍ଶାଇ ବିମାନବନ୍ଦର ଚାରିପାଖରେ ଥିବା ଅବୈଧ ବସତିକୁ ଭାଙ୍ଗିବା ଆରମ୍ଭ କରିଛନ୍ତି। ବିମାନବନ୍ଦର ସୁରକ୍ଷାକୁ ବୃଦ୍ଧି କରିବା ପାଇଁ, ପରିଧି ପ୍ରାଚୀରକୁ ବିସ୍ତାର କରାଯାଇଥିଲା ଏବଂ ୩୫୦ରୁ ଅଧିକ ସୁରକ୍ଷା କ୍ୟାମେରା ଲଗାଯାଇଥିଲା।

ଜି-୭ ସମ୍ମିଳନୀ: ମୋଦୀ-ଟ୍ରମ୍ପ ଦ୍ୱିପାକ୍ଷିକ ଆଲୋଚନା:

ନାବିକଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଲା ଭାରତ

ଏଭିଆନ,୧୯/୬: ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ସାରା ବିଶ୍ୱର ନଜର ରହିଥିବା ଏହି ହାଇ-ପ୍ରୋଫାଇଲ୍ ବୈଠକରେ ଉଭୟ ନେତା ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଓ ଭାରତ-ପ୍ରଶାନ୍ତ ସାମୁଦ୍ରିକ କ୍ଷେତ୍ରର ସୁରକ୍ଷା ଉପରେ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଦିଗ ଥିଲା ସମୁଦ୍ର ମାର୍ଗରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା। ବିଶ୍ୱର ବିଭିନ୍ନ ସାମୁଦ୍ରିକ ପଥରେ ଗମନାଗମନ କରୁଥିବା ଲକ୍ଷଲକ୍ଷ ଭାରତୀୟ ନାବିକଙ୍କ ଜୀବନର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିଛନ୍ତି। ନିକଟରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ଏହି ଚିନ୍ତା ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଭାରତର ଏହି ଦାବିକୁ ଗ୍ରହଣ କରିବା ସହ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଭାରତକୁ ସମସ୍ତ ସୁରକ୍ଷା ପ୍ରସଙ୍ଗରେ ସହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇ ଟ୍ରମ୍ପ କହିଛନ୍ତି, ଯଦି ଭାରତ ଉପରେ କେହି ଆକ୍ରମଣ କରେ ତେବେ ୱାସିଂଟନ ସର୍ବଦା ଭାରତ ସହିତ ଛିଡ଼ା ହେବ। ଭାରତ ପ୍ରତି ତାଙ୍କର ସମର୍ଥନକୁ ଦୋହରାଇ ସେ କହିଛନ୍ତି ଯେ ତାଙ୍କ ଶାସନ ସମୟରେ ୱାସିଂଟନ ଭାରତର ଏକ ଶକ୍ତିଶାଳୀ ସହଯୋଗୀ ଭାବେ ରହିବ। ଯେ ପର୍ଯ୍ୟନ୍ତ ମୁଁ ରାଷ୍ଟ୍ରପତି ଅଛି, ସେ ପର୍ଯ୍ୟନ୍ତ ହ୍ୱାଇଟ୍ ହାଉସ୍‌ରେ ଭାରତ ପାଇଁ ଜଣେ ଭଲ ବନ୍ଧୁ ଭାବେ ରହିବି ବୋଲି ସେ କହିଛନ୍ତି। ପଶ୍ଚିମ ଏସିଆ ପ୍ରସଙ୍ଗ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି, ପଶ୍ଚିମ ଏସିଆରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା କରୁଛନ୍ତି। ବୈଠକ ପରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ-ଆମେରିକା ମଧ୍ୟରେ ଥିବା ରଣନୈତିକ ସମ୍ପର୍କ ବର୍ତ୍ତମାନ ଏକ ନୂଆ ଶକ୍ତି ଓ ଗତି ହାସଲ କରୁଛି। ଅପରପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ଜଣେ ଭଲ ବନ୍ଧୁ ଭାବେ ଅଭିହିତ କରି ନିବିଡ଼ ସମ୍ପର୍କକୁ ପୁନର୍ବାର ପ୍ରଦର୍ଶନ କରିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ବ୍ୟତୀତ ୟୁରୋପୀୟ ୟୁନିୟନ୍‌ର ପ୍ରମୁଖ ନେତାମାନଙ୍କ ସହ ମଧ୍ୟ ବୈଠକ କରିଛନ୍ତି। ଏହି ଆଲୋଚନାରୁ ଏକ ବଡ଼ ସଫଳତା ମିଳିଛି, ଯେଉଁଠାରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଓ ୟୁରୋପୀୟ ୟୁନିୟନ୍ ମଧ୍ୟରେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ସହମତି ପ୍ରକାଶ ପାଇଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ଜର୍ମାନୀ ଚାନ୍‌ସେଲର ଫ୍ରେଡ୍ରିକ୍ ମେର୍ଜଙ୍କ ସହ ଆର୍ଥିକ ସହଯୋଗ ବୃଦ୍ଧି ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ମଧ୍ୟ ପୃଥକ ଭାବେ ସାକ୍ଷାତ କରି ବିଶ୍ୱ ଶାନ୍ତି ଉପରେ ଆଲୋଚନା କରିଛନ୍ତି। ନିକଟରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ଏହି ଚିନ୍ତା ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଭାରତର ଏହି ଦାବିକୁ ଗ୍ରହଣ କରିବା ସହ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପଡ଼ିଲା ଦେବଦଂପତିଙ୍କ ହାତଗଣ୍ଠି :

ଭାରତୀୟ ପାରଂପରିକ କଳାରେ ଢୁଲୁକିଲା ସମ୍ବଲପୁର

ସମ୍ବଲପୁର,୧୯/୬(ନି/ପ୍ର): ପ୍ରସିଦ୍ଧ ଶୀତଳଷଷ୍ଠୀ ପର୍ବ ପାଇଁ ସଂସ୍କୃତିର ହର ସମ୍ବଲପୁର ଉତ୍ସବମୁଖର ହୋଇଉଠିଛି। ଦେବଦମ୍ପତିଙ୍କ ଲୌକିକ ବିବାହ ପାଇଁ ଭକ୍ତିରେ ବିଭୋର ହୋଇଛନ୍ତି ଭକ୍ତ ଏବଂ ଜନତା। ଜଗତ୍‌ଜନନୀ ମାତା ପାର୍ବତୀଙ୍କ ବିବାହ ପାଇଁ ସୁସଜ୍ଜିତ ଭଗବାନ ମହାଦେବ ବରବେଶରେ ବାହାରିଥିଲେ। ଗୁରୁବାର ରାତି ଶୁକ୍ର ପାହାନ୍ତିର ମାହେନ୍ଦ୍ର ବେଳାରେ ଜଟାଧାରୀ ମହାଦେବଙ୍କ ହାତଗଣ୍ଠି ପଡ଼ିଛି। ମାତା ପାର୍ବତୀଙ୍କୁ କନ୍ୟାଦାନ କରି ଭାବବିହ୍ୱଳ ହୋଇ ଉଠିଛନ୍ତି କନ୍ୟା ପିତାମାତା। ଦେବବିବାହର ଅପୂର୍ବ ଦୃଶ୍ୟ ଦେଖିବାକୁ ଦୂରଦୂରାନ୍ତରୁ ଲୋକେ ଆସି ସମ୍ବଲପୁରରେ ପହଚିଂଛନ୍ତି। ମହାଦେବଙ୍କ ବରଯାତ୍ରୀରେ ସାମିଲ ହୋଇଛନ୍ତି ଦେଶର ବିଭିନ୍ନ ରାଜ୍ୟର ହଜାରହଜାର ଶ୍ରଦ୍ଧାଳୁ। ଗତକାଲି ଜ୍ୟେଷ୍ଠ ଶୁକ୍ଳପକ୍ଷ ପଚଂମୀ ତିଥିରେ ଗଇଁଠାଳ ଫିଟା ନୀତି ସମ୍ପନ୍ନ ହୋଇଥିଲା। ପୂର୍ବବର୍ଷର କନ୍ୟା ପିତାମାତା ଉପସ୍ଥିତ ରହି ଗଇଁଠାଳ ଫିଟା ନୀତି ଶେଷ କରିବା ପରେ ମାତା ପାର୍ବତୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କନ୍ୟାଳୟରେ ତୈଳାଭିଷେକ ଓ ହଳଦୀ ଖେଳ ହୋଇଥିବା ବେଳେ ଶିବାଳୟରେ ଆଭୂଷଣ, ଅଳଙ୍କାର ସହିତ ମହାଦେବଙ୍କୁ ବରବେଶରେ ସଜ୍ଜିତ କରାଯାଇଥିଲା। ରାତିରେ ମହାଆଳତି ପରେ ଦବେଦେବ ମହାଦେବ ଯକ୍ଷ, ଗନ୍ଧର୍ବ, କିନ୍ନରଙ୍କ ସହ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସାଙ୍ଗରେ ନେଇ ବରଯାତ୍ରୀରେ ବାହାରିଥିଲେ। ନନ୍ଦପଡ଼ାର ବଂରରାଡ ବାଲୁଙ୍କେଶ୍ୱର ମନ୍ଦିରରୁ ବାହାରି ମହାନ୍ତିପଡ଼ା, କଂସାରିପଡ଼ା, ବୈଦ୍ୟନାଥ ଛକ, ଶକ୍ତିସଂଘ ଛକ, ମ୍ୟୁନିସିପାଲିଟି ଛକ ଦେଇ ନାରୀସେବା ସଦନରେ ପହଚିଂଥିଲ।। ସେଠାରେ କନ୍ୟ ପିତାମାତା ସମ୍ବଲପୁର ଶାସନର ପ୍ରଦୀପ ମିଶ୍ରୀ ଓ ବୀଣାପାଣି ମିଶ୍ର ତଥା ପରିବାର ପକ୍ଷରୁ ବରଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ ଦୁଲଦୁଲି, ସମ୍ପଦ୍ରା, ଉଜ୍ଜୟିନୀର ଡମ୍ବରୁ, ଘଟଂ, ଆନ୍ଧ୍ରପ୍ରଦେଶର କାନ୍ତାରା, କେରଳ ବ୍ୟାଣ୍ଡ, ମୟୂରଭଂଜର କଳସ ନାଚ, ହରିୟାଣାର ଅଘୋରୀ, ଖଡ଼ଗପୁରର ବାଘ ନୃତ୍ୟ, ପଂଜାବର ଆଖଡ଼ା ପାରଂପରିକ ନ୍ୟତ୍ୟ ଆଦି ସାମିଲ ହୋଇଥିଲା। ଏହି ବିବାହର ସାକ୍ଷୀ ରହିବା ପାଇଁ ପ୍ରଭୁ ସାକ୍ଷୀ ଗୋପୀନାଥ ମଧ୍ୟ ଏକ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗୁରୁବାର ରାତି ଶୁକ୍ର ପାହାନ୍ତିର ମାହେନ୍ଦ୍ର ବେଳାରେ ଜଟାଧାରୀ ମହାଦେବଙ୍କ ହାତଗଣ୍ଠି ପଡ଼ିଛି।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶେଷ ରଜ ତଥା ଭୂମି ଦହନ ଅବସରରେ ଭାଗବତ ଗାଦିରେ ରଜ ମହୋତ୍ସବ ତଥା ବାର୍ଷିକ ଭାଗବତ ପାରାୟଣ ଉଦ୍‌ଯାପନ

କେନ୍ଦୁଝର,୧୯/୬(ନି/ପ୍ର): ଓଡ଼ିଆ ସଂସ୍କୃତି , ପରମ୍ପରାର ଅନନ୍ୟ ପ୍ରତୀକ ପବିତ୍ର ରଜ ପର୍ବ ଅବସରରେ ହରିଚନ୍ଦନପୁର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ସଭାପତି ମାର୍କଣ୍ଡ ବେହେରାଙ୍କ ବାଂଶପାଳ ବାସଭବନ ସ୍ଥିତ ଭାଗବତ ଗାଦିରେ ଶେଷ ରଜ ତଥା ଭୂମି ଦହନ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ସର୍ବପ୍ରଥମେ ମୁଖ୍ୟ କର୍ତା ମାର୍କଣ୍ଡ ବେହେରା ଓ ତାଙ୍କ ଧର୍ମ ପତ୍ନୀ ଗୟାରାଣୀ ବେହେରାଙ୍କ ସହଯୋଗରେ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ତ୍ରିନାଥ ମେଳା ଅନୁଷ୍ଠାନ କରି ଭାଗବତ ଗାଦି ପୂଜାର୍ଚ୍ଚନା କଲେ। କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ଭାଗବତ ପାରାୟଣ ପୂର୍ବକ ବାର୍ଷିକ ଭାଗବତ ପାରାୟଣ ଉଦ୍ ଯାପନ କରି ଭାଗବତ ଆଲୋଚନା କଲେ ଏବଂ ରଜ ଦୋଳି ଗୀତ ପରିବେଷଣ କରି ଉପସ୍ଥିତ ମାତୃ ମଣ୍ଡଳୀ ତଥା ଭକ୍ତ ମାନଙ୍କ ଦ୍ୱାରା ଶିଆଳି ଲଟାରେ ଦୋଳି ଖେଳୁଥିବା ଭଗବାନ ଶ୍ରୀକୃଷ୍ଣଙ୍କ ବାଁମୟ ମୂର୍ତି ସ୍ୱରୂପ ଭାଗବତ ଗୋସେଇଁଙ୍କୁ ଦୋଳିରେ ବିଜେ କରାଇ ସାଷ୍ଟାଙ୍ଗ ପ୍ରଣାମ ପୂର୍ବକ ଦର୍ଶନ କରି ପଦରଜ ନେବା, ଦୋଳିରେ ଭାଗବତ ଭଗବାନଙ୍କୁ ଝୁଲାଇବା, ଆଲଟ ଚାମର ସେବା, ସର୍ବାଙ୍ଗରେ ବାସ ଚନ୍ଦନ ଓ ଅଗୁର ଲେପନ, ତୁଳସୀ ତଥା ପୁଷ୍ପ ମାଲ୍ୟ ଅର୍ପଣ, ଧୂପ ଦୀପ ଦାନ ପୂର୍ବକ ନୈବେଦ୍ୟ ଅର୍ପଣ ତଥା କର୍ପୁର ଆଳତୀ ପ୍ରଦର୍ଶନ ଓ ପୁଷ୍ପାଞ୍ଜଳି ଆଦି ବିଭିନ୍ନ ଉପଚାର ଶ୍ରଦ୍ଧା ଓ ଭକ୍ତିର ସହିତ ପ୍ରଦାନ କରି ସାମୁହିକ ଉପାସନା କରାଇଲେ। ଏହାପରେ ବେହେରା ପରିବାର ବର୍ଗ ଓ ଉପସ୍ଥିତ ଭକ୍ତବୃନ୍ଦ ଦୋଳି ଗୀତ ଗାଇ ଆନନ୍ଦ ଉଲ୍ଲାସରେ ଶେଷ ରଜ ଉତ୍ସବ ପାଳନ କଲେ ।ଜଂଘିରା ଅଂଚଳ ଭାଗବତ ପ୍ରଚାର ପ୍ରସାର ସମିତି ସଂକୀର୍ତନ ମଣ୍ଡଳୀ ମହନ୍ତ ପୂର୍ଣ୍ଣ ଚନ୍ଦ୍ର ପଲେଇ ତଥା ତାଙ୍କର ସାଥୀ ମାନେ ଭଗବାନଙ୍କ ସ୍ତୁତି, ବନ୍ଦନା ତଥା ଭଜନ କୀର୍ତନ ପରିବେଷଣ କରିଥିଲେ ।ଏଥିରେ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ଉପଦେଷ୍ଟା ପାରେଶ୍ୱର ବେହେରା, ଉପସଭାପତି ଶୁକଦେବ ମହାକୁଡ ଏବଂ ଉମାକାନ୍ତ ପରିଡ଼ା, ଟିକାୟତ ବେହେରା,ବେଣୁଧର ନାୟକ, ଦୁଷ୍ମନ୍ତ ନାୟକ,ରମାକାନ୍ତ ପରିଡା,ଦୁର୍ଯ୍ୟୋଧନ ବେହେରା ଓ ସୁଦାମ ନାୟକ ଆଦି ଭାଗବତ ଟୁଙ୍ଗି ପ୍ରତିନିଧିବୃନ୍ଦ ସହଯୋଗ କରିଥିଲେ। ପରିଶେଷରେ ପ୍ରମୋଦ କୁମାର ବେହେରା ଜୟ ଧ୍ୱନି ପ୍ରଦାନ ପୂର୍ବକ ଶାନ୍ତି ପାଠ କରି ଥିଲେ । ଏହି କାର୍ଯ୍ୟକ୍ରମରେ ଦାଶରଥି ବେହେରା,ବାବୁଲି ବେହେରା,ବିଶିକେଶନ ବେହେରା, ଗଜେନ୍ଦ୍ର ବେହେରା , ପୁରଞ୍ଜନ ପରିଡ଼ା,ଦିବ୍ୟମ୍ ପରିଡ଼ା, ଶୁଭଶ୍ରୀ ପରିଡ଼ା,ଝୁମୀନା ବେହେରା ଓ ନାଗାର୍ଜୁନ ଆରୁକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ସଞ୍ଜୀବ ଓତା ମା' ତାରିଣୀ ୱାକର୍ସ କ୍ଲବ, କେନ୍ଦୁଝରର ନୂତନ ସଭାପତି

କେନ୍ଦୁଝର,୧୯/୬(ନି/ପ୍ର): ସଚେତନତା, ନିୟମିତ ବ୍ୟାୟାମ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଦୀର୍ଘଦିନ ଧରି ସକ୍ରିୟ ଭାବେ କାର୍ଯ୍ୟ କରିଆସୁଥିବା ମା' ତାରିଣୀ ୱାକର୍ସ କ୍ଲବ, କେନ୍ଦୁଝରର କାର୍ଯ୍ୟକାରିଣୀ କମିଟି ସର୍ବସମ୍ମତିକ୍ରମେ ପୁନର୍ଗଠିତ ହୋଇଛି। କ୍ଲବର ପୂର୍ବତନ ସଭାପତି ଡାକ୍ତର ପି.ସି. ଦାସଙ୍କ ପରଲୋକ ପରେ ସଭାପତି ପଦ ଖାଲି ପଡ଼ିଥିବାରୁ ନୂତନ କମିଟି ଗଠନର ଆବଶ୍ୟକତା ଦେଖାଦେଇଥିଲା। ଏହି ପରିପ୍ରେକ୍ଷୀରେ ନିକଟରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନୂତନ କମିଟି ଗଠନ କରାଯାଇଥିଲା। ବୈଠକରେ ବରିଷ୍ଠ ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଓ ପ୍ରଶାନ୍ତ କୁମାର ସ୍ୱାଇଁ ଉପସଭାପତି, ବିଦ୍ୟାଧର ଚୌଧୁରୀ ସମ୍ପାଦକ, ଇଂ. ଜନ୍ମେଜୟ ଦାସ ଓ କିଶୋର ଚନ୍ଦ୍ର ଜେନା ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର କୁମାର ଦାସ ସହସମ୍ପାଦକ ଏବଂ ସୁଶୀଳ କୁମାର ସାହୁ କୋଷାଧ୍ୟକ୍ଷ ଭାବେ ଚୟନିତ ହୋଇଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ଡ଼. ବନବିହାରୀ ମିଶ୍ର, ଧନଞ୍ଜୟ ପଣ୍ଡା, ରାମଚନ୍ଦ୍ର ତ୍ରିପାଠୀ, କରୁଣାକର ନାଏକ, ବ୍ରଜ କିଶୋର ଓଝା, ସଞ୍ଜୟ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ଜ୍ଞାନରଞ୍ଜନ ଦାସ ଓ ଶରତ ଜେନାଙ୍କୁ କ୍ଲବର ବୋର୍ଡ ଅଫ୍ ଡାଇରେକ୍ଟରରେ ସ୍ଥାନ ଦିଆଯାଇଛି। ବୈଠକରେ ଚଳିତ ବର୍ଷର ଅବଶିଷ୍ଟ ଛଅ ମାସ ପାଇଁ କ୍ଲବର କାର୍ଯ୍ୟଯୋଜନା ଡାକ୍ତର ଓତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୀଘ୍ର ଚୂଡ଼ାନ୍ତ କରାଯିବା ସହ ପ୍ରତ୍ୟେକ ମାସର ଶେଷ ରବିବାର ନିୟମିତ ବୋଲି ବୈଠକ ଅନୁଷ୍ଠିତ କରାଯିବ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ସମାଜସେବୀ ଗଣେଶଙ୍କ ପରଲୋକ

ଭଦ୍ରକ,୧୯/୬(ନି/ପ୍ର): ଭଦ୍ରକ ଜିଲ୍ଲା ବରପଦା ଡଙ୍କାଗଡିଆ ଗ୍ରାମର ସମାଜସେବୀ ଗଣେଶ ଚନ୍ଦ୍ର ପ୍ରଧାନ(୮୩)ଙ୍କ ଆଜି ଭୋର ସମୟରେ ପରଲୋକ ଘଟିଛି। ବୟସାଧିକ କାରଣରୁ ସେ ଘରୋଇ ଚିକିତ୍ସାରେ ଥିବା ବେଳେ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ଗଣେଶ ପ୍ରସାଦ ନାୟକ,ରବିନାରାୟଣ ସ୍ୱାଇଁ, ଜଗନ୍ନାଥ ବଳ,ବିନୋଦ ସିଂହ,କରୁଣାକର ନାୟକ,ମୂରଲୀ ପାଣିଗ୍ରାହୀ, ବାବୁଲି ସିଂହ, ଜଗନ୍ନାଥ ରଥ, ରବିନ୍ଦ୍ର ଲେଙ୍କା, ଚିନ୍ତାମଣି ମହାନ୍ତି, ଜଡା ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଚିଁ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଶବାଧାରରେ ସାମିଲ୍ ଥିଲେ।

ମାଲକାନଗିରିରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ଦୁଇ ବର୍ଷ ପୂର୍ତି ଅବସରରେ ଜିଲ୍ଲାସ୍ତରୀୟ ସମ୍ମିଳନୀ

ମାଲକାନଗିରି,୧୯/୬(ନି/ପ୍ର): ଓଡ଼ିଶା ସରକାରଙ୍କ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ସଫଳ ଦୁଇ ବର୍ଷ ପୂର୍ତି ଉପଲକ୍ଷେ ସ୍ଥାନୀୟ ସଂସ୍କୃତି ଭବନଠାରେ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ବେଶ୍ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଯୋଗଦେଇ ମାଲକାନଗିରିର ବିକାଶମୂଳକ ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଯୋଜନା ଏବଂ ପର୍ଯ୍ୟାଲୋଚନା ଉପ-ନିର୍ଦ୍ଦେଶକ ପରମେଶ୍ୱର ରାଉତ ଉପସ୍ଥିତ ଥିଲେ।ଏହି ଅବସରରେ ମାନ୍ୟବର ବିଧାୟକ ନିଜ ଅଭିଭାଷଣରେ କହିଛନ୍ତି ଯେ ମାଲକାନଗିରିର ବିକାଶ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମ ସମସ୍ତଙ୍କର ଏକ ସଂକଳ୍ପ। ବିକାଶର ଧାରା ଓଡ଼ିଶା ସାରା ଅଭିଯାନ ମାଧ୍ୟମରେ ଆଜି ଆମ ଜିଲ୍ଲାର ପ୍ରତିଟି କୋଣରେ, ପ୍ରତିଟି ବ୍ଲକରେ ପ୍ରଗତିର ନୂଆ ଅଧ୍ୟାୟ ସୃଷ୍ଟି ହୋଇପାରିଛି । ସରକାରୀ ବିଭାଗଗୁଡ଼ିକର ନିଷ୍ଠାପର ଉଦ୍ୟମ ଏବଂ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ଯୋଜନା ଆଜି ମାଲକାନଗିରିର ଶେଷ ସୀମାନ୍ତରେ ଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ ପହଚିଂ ପାରିଛି । ଆଗାମୀ ଦିନରେ ସମସ୍ତେ ମିଳିମିଶି ଏହି ବିକାଶର ଧାରାକୁ ଆହୁରି ତ୍ୱରାନିତ କରିବା ପାଇଁ ବିଧାୟକ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମକୁ ଆଗେଇ ନେଇ ମାଲକାନଗିରି ଜିଲ୍ଲାପାଳ ଜିଲ୍ଲାର ପ୍ରଗତି ଓ ସଫଳତା ସମ୍ପର୍କରେ ନିଜ ବକ୍ତବ୍ୟ ରଖି କହିଛନ୍ତି ଯେ ଗୋଟିଏ ସମୟରେ ଦୁର୍ଗମ ଆଖ୍ୟା ପାଇଥିବା ମାଲକାନଗିରି ଆଜି ଓଡ଼ିଶାର ବିକାଶ ମାନଚିତ୍ରରେ ଏକ ଅଗ୍ରଣୀ ଓ ଆଦର୍ଶ ଜିଲ୍ଲା ଭାବେ ଉଭା ହୋଇଛି। ଚାଷୀ ଭାଇଙ୍କ ସଶକ୍ତୀକରଣ, ମା ମାନଙ୍କୁ ଆର୍ଥିକ ସ୍ୱାଧୀନତା ଏବଂ ଦୁର୍ଗମ ଅଂଚଳର ଜନଜାତି ଯୁବ ପ୍ରତିଭାଙ୍କ ମେଡିକାଲ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହିଁ ବାସ୍ତବ ପ୍ରଗତିର ପ୍ରମାଣ। ସମ୍ପୂର୍ଣ୍ଣତା ଅଭିଯାନରେ ଜିଲ୍ଲାକୁ ମିଳିଥିବା ୪ଟି ସ୍ୱର୍ଣ୍ଣ ପଦକ ପ୍ରଶାସନର ନିରନ୍ତର ପ୍ରୟାସ ଓ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗର ମିଳିତ ପରିଣାମ। ଆଗାମୀ ଦିନରେ ରେଳପଥ, ଏୟାରଷ୍ଟ୍ରିପ୍ ଏବଂ ପର୍ଯ୍ୟଟନର ବିକାଶ ମାଲକାନଗିରିର ସାମଗ୍ରିକ ଚେହେରା ବଦଳାଇ ଦେବ। ମାଲକାନଗିରିକୁ ଓଡ଼ିଶାର ଏକ ସର୍ବଶ୍ରେଷ୍ଠ, ସୁସ୍ଥ ଓ ସମୃଦ୍ଧ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ଏହି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ଜିଲ୍ଲାପାଳ କହିଛନ୍ତି ।କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମ ଶେଷରେ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ମଂଚ ସଚାଂଳନ ତଥା ସଫଳ ପରିଚାଳନା କରିଥିଲେ।ଏହି ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଭାବେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ମାନ ଆୟୋଜନ କରାଯାଇଥିଲା। ଏହି ଷ୍ଟଲଗୁଡ଼ିକ ମାଧ୍ୟମରେ ବିଭିନ୍ନ ବିଭାଗର ଜନକଲ୍ୟାଣକାରୀ ଯୋଜନା, ସଫଳତା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଅତିଥିମାନେ ଏହି ଷ୍ଟଲଗୁଡ଼ିକୁ ବୁଲି ଦେଖିବା ସହ ପ୍ରଶାସନର ଏହି ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ। ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ଯୋଜନାକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏବଂ ବିକାଶ କାର୍ଯ୍ୟକ୍ରମ ସହ ଜଡ଼ିତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ ମଚଂରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କଲ୍ୟାଣମୂଳକ ଯୋଜନାର ଅଗ୍ରଗତିକୁ ନେଇ ଏହି ସମ୍ମିଳନୀରେ ଏକ ସକାରାତ୍ମକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

କେନ୍ଦୁଝର,୧୯/୬(ନି/ପ୍ର): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଙ୍କ ଆହ୍ୱାନ କ୍ରମେ ଆଜି କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ଟି ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ , ସହକାରୀ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ସୁପରଭାଇଜର ଓ ଅମିନମାନେ ନିଜ ନିଜ ତହସିଲଦାରଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଦାଖଲ ହୋଇଥିବା ସ୍ମାରକପତ୍ରରେ ରାଜ୍ୟରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ଉପରେ ଦିନକୁ ଦିନ ବଢ଼ି ଚାଲିଥିବା ଅମାନବୀୟ କାର୍ଯ୍ୟଭାର, ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣରେ ସରକାରଙ୍କ ଉଦାସୀନତା, ଭ୍ରମଣ ଭତା ଓ ମୋବାଇଲ ଭତା ପ୍ରଦାନରେ ବିଳମ୍ବ, ଗ୍ରୁପ-ଡି କର୍ମଚାରୀଙ୍କ ଅଭାବ, ଆବଶ୍ୟକ ଭିତିଭୂମି ସୁବିଧାର ଅନୁପସ୍ଥିତି ଏବଂ ଅଣ-ରାଜସ୍ୱ କାର୍ଯ୍ୟରେ ନିୟୋଜନ ଭଳି ଗୁରୁତର ସମସ୍ୟା ଉଲ୍ଲେଖ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ରାଜ୍ୟରେ ପ୍ରାୟ ୪୬ ପ୍ରତିଶତ ରାଜସ୍ୱ କ୍ଷେତ୍ର ପଦବୀ ଖାଲି ରହିଥିବାବେଳେ ଅବଶିଷ୍ଟ କର୍ମଚାରୀମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ଲଦି ଦିଆଯାଉଛି। ସଂଘ ଦାବି କରିଛି ଯେ ସରକାର ତୁରନ୍ତ ଖାଲି ପଦବୀ ପୂରଣ, କ୍ୟାଡର ପୁନର୍ଗଠନ, ଉ୨ଉ କାର୍ଯ୍ୟର ଯୁକ୍ତିସଙ୍ଗତ ସରଳୀକରଣ, ଭ୍ରମଣ ଭତା ଓ ମୋବାଇଲ ଭତା ବୃଦ୍ଧି, ଲାପଟପ୍, ପ୍ରିଂଟର, ଇଂଟରନେଟ ସୁବିଧା ଯୋଗାଣ ଏବଂ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କୁ ଅଣ-ରାଜସ୍ୱ କାର୍ଯ୍ୟରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନିଅନ୍ତୁ। ସଂଘର ଜିଲ୍ଲା ଶାଖା ପକ୍ଷରୁ କୁହାଯାଇଛି ଯେ ଦୀର୍ଘଦିନ ଧରି ଦାବିଗୁଡ଼ିକ ଅଣଦେଖା କରାଯାଉଥିବାରୁ ରାଜ୍ୟ ସଂଘର ନିଷ୍ପତି ଅନୁସାରେ "ମିଶନ ସ୍ୱାଭିମାନ" ଆନ୍ଦୋଳନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୨ ଜୁନରେ କଳା ବ୍ୟାଜ୍ ପରିଧାନ, ୨୫ ଜୁନରେ ସରକାରୀ ହ୍ୱାଟସଆପ୍ ଗ୍ରୁପରୁ ବାହାରିବା ଏବଂ ୧ ଜୁଲାଇରୁ ଗଣଛୁଟି ଆନ୍ଦୋଳନ କରାଯିବ ବୋଲି ସତର୍କ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ବାଂଶପାଳ, ବଡ଼ବିଲ, ଚମ୍ପୁଆ, ଘସିପୁରା, ଘଟଗାଁ, ହରିଚନ୍ଦନପୁର, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା, ସାହାରପଡ଼ା, ତେଲକୋଇ ଓ ଯୋଡ଼ା ତହସିଲର ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ତହସିଲଦାରମାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବଲାଙ୍ଗୀରର ଝିଅ କଳ୍ପନାଙ୍କୁ ଜୁନିୟର ଫେଲୋସିପ୍

ବଲାଙ୍ଗୀର,୧୯/୬(ନି/ପ୍ର): ବର୍ତମାନ ଯୁବପିଢ଼ି ଆଧୁନିକ ଜୀବନର ଯାପନ କରୁଥିବାବେଳେ ନିଜର କଳା ସଂସ୍କୃତି ପରମ୍ପରାକୁ ଭୁଲି ଯାଉଛନ୍ତି କିନ୍ତୁ ଏହି ଡିଜିଟାଲ ଯୁଗରେ ମଧ୍ୟ ନିଜର ପରମ୍ପରା ସଂସ୍କୃତି ଉଜ୍ଜିବିତ ରଖିବା ପାଇଁ ପ୍ରୟାସ କରୁଛି କିଛି ଉଚ୍ଚ ଚିନ୍ତାଧାରା ଯୁବପିଢ଼ି ସେହିପରି ଏକ ପ୍ରତିଭା ହେଲେ ବଲାଙ୍ଗୀର ସହରର କଂସାରିପଡ଼ା ବାସିନ୍ଦା ତଥା ପଶ୍ଚିମ ଓଡ଼ିଶା ସୁପରିଚିତ ନୃତ୍ୟଶିଳ୍ପୀ କଳ୍ପନା ଭ୍ୟାସଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ପକ୍ଷରୁ ଜୁନିୟର ଫେଲୋସିପ୍ ୨୦୨୫-୨୬ ପାଇଁ ମନୋନୀତ ହୋଇଛନ୍ତି। ସେ ପଶ୍ଚିମ ଓଡ଼ିଶା ପାରମ୍ପରିକ ଡାପ ନୃତ୍ୟ ଉପରେ ଦୁଇ ବର୍ଷର ଗବେଷଣା କରିବେ। ୨୭ ବର୍ଷୀୟ କଳ୍ପନା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ମାଷ୍ଟର ପଫମୀ ଆଟ୍‌ରେ ଡିଗ୍ରୀ କରିଛନ୍ତି। ଛୋଟବେଲୁ ସେ ପଶ୍ଚିମ ଓଡ଼ିଶା ଡାପ ନୃତ୍ୟ ପ୍ରତି ତାଙ୍କ ରୁଚି ରହିଛି। ଆମର ଲୁକି ଆସୁଥିବା କଳା ସଂସ୍କୃତି କେ ବଂଚେଇବା ରଖି ତାର ପ୍ରଚାର ପ୍ରସାର କରିବା ପାଇଁ ଆଗାମୀ ଦିନରେ ଆମର ଆଗାମୀ ପିଢି ଏହି ପରମ୍ପରାକୁ ଭୁଲିବେ ନାହିଁ ସେଥିପାଇଁ ମୁଁ ପ୍ରୟାସ କରୁଛି। ପଶ୍ଚିମ ଓଡ଼ିଶା ଏକ ଲୋକପ୍ରିୟ ନୃତ୍ୟ ହେଉଛି ଡାପା ଯାହାର ଅନେକ ଇତିହାସ ରହିଛି। ତେଣୁ ଏହି ନୃତ୍ୟ କେବେ ଲୋପ ନପାଉ ତେଣୁ ମୋ ପ୍ରାଣ ଥିବା ଯାଏ ଏହା ଉପରେ କାମ କରିବି। ପଶ୍ଚିମ ଓଡ଼ିଶାର ନୃତ୍ୟ ପ୍ରଚାର ପାଇଁ ଆମେ ନୃତ୍ୟ ଗ୍ରୁପ୍ ଖୋଲିଛୁ ଯାହାର ନାଁ ତାଲ୍ ଟ୍ରାୟୋ ରହିଛି ଏହା ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ମଂଚ ଆମେ ପଶ୍ଚିମ ଓଡ଼ିଶା ଲୋକ ନୃତ୍ୟ ପରିବେଷଣ କରିଆସୁ ବୋଲି ସେ କହିଛନ୍ତି। ଏଠାରେ ପ୍ରକାଶ ଥାଉକି ଯେ କଳ୍ପନା ଜଣେ ପଶ୍ଚିମ ଓଡ଼ିଶା ଆଗଧାଡିର ଅଭିନେତ୍ରୀ ସେ ପଶ୍ଚିମ ଓଡ଼ିଶାର ଭାଷାରେ ତିଆରି ହୋଇଥିବା ଗୁଦନୀ ଚଳଚିତ୍ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫେଲୋସିପ୍ ଅଧୀନରେ ତାଙ୍କୁ ମାସିକ ଷ୍ଟାଇପେଣ୍ଡ ମିଳିବ। ସେ ଗବେଷଣା ଶେଷରେ ଡାପ ନୃତ୍ୟକୁ ନେଇ ଏକ ଡକ୍ୟୁମେଂଟ ତିଆରି କରିବେ। କଳ୍ପନାଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟୁଛି। ବଲାଙ୍ଗୀରର ବରିଷ୍ଠ କଳାକାର ମାନେ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

ତେଲ, ଗ୍ୟାସ୍ ପରେ ପରିବା ଦର ବଢ଼ିଲା

ଜୟପୁର, ୧୯/୬(ନି/ପ୍ର): କୋରାପୁଟ ଜିଲାରେ ଦର ଦାମ ଆହେତୁକ ଭାବେ ବୃଦ୍ଧି ପାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଏଲ୍ପିଜି ଦର ମାର୍ଚ୍ଚ ମାସରେ ବଢ଼ିଥିବା ବେଳେ ବାଣିଜ୍ୟିକ ଏଲ୍ପିଜି ନ ମିଳିବାରୁ ହୋଟେଲ ଓ ରେଷ୍ଟୋରାଁରେ ଖାଇବା ମହଙ୍ଗା ହୋଇଥିଲା । ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ବିଧାନସଭା ନିର୍ବାଚନ ସରିବା ପରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ୯ ଦିନରେ ୩ ଥର ବଢ଼ାଇଲେ । ଏଥିପାଇଁ ପେଟ୍ରୋଲ୍ ଓ ଡିଜେଲ୍ ଦର ମହଙ୍ଗା ହୋଇଯାଇଛି । ବିଗତ କିଛିଦିନ ମଧ୍ୟରେ ଖାଇବା ତେଲ, ଡାଲି ଦର ବଢ଼ିଥିବାବେଳେ ଆଜି କଚାଂ ପରିବା ଦର ବଢ଼ିଯାଇଛି । ପ୍ରାୟ ସବୁ କଚାଂ ପରିବା ଦର କୋରପୁଟ ଜିଲା ର ଜୟପୁର ସହର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, ବୈପାରିଗୁଡା, ଲମତାପୁଟ ବଜାରରେ କିଲୋଗ୍ରାମ ପିଛା ୫ରୁ ୧୦ ଟଙ୍କା ଲେଖାଏଁ ବଢ଼ିଯାଇଛି। ସୂଚନା ଅନୁଯାୟୀ, ବାଇଗଣର ଖୁଚୁରା ଦର ୬୦ ଟଙ୍କା, କଲରା ଦର ୬୦ରୁ ୮୦ ଟଙ୍କା, କାଙ୍କଡ଼ ୬୦ରୁ ୮୦ ଟଙ୍କା, ଗାଜର ୪୦ରୁ ୬୦ ଟଙ୍କା, ସଜନା ଛୁଇଁ ୮୦ରୁ ୧୦୦ ଟଙ୍କା, ଟମାଟୋ ୮୦ ଟଙ୍କା, ଭେଣ୍ଡି ୪୦ରୁ ୬୦ ଟଙ୍କା, ପୋଟଳ ୬୦ରୁ ୮୦ ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା, ବନ୍ଧା କୋବି ୩୦ ଟଙ୍କାରେ ବିକ୍ରି ହୋଇଛି । ଖୁଚୁରା ବଜାରରେ ଅଦା ଓ ରୁସଣ ଦର କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ସପ୍ତାହକ ପୂର୍ବେ ହରଡ଼ ଡାଲି ଦାମ୍ କିଲୋଗ୍ରାମ ପିଛା ୧୨୦ ଟଙ୍କା ଥିବାବେଳେ ସଂପ୍ରତି ତାହା ୧୩୦ ଟଙ୍କାରେ ବିକ୍ରି ହେଉଛି । ସୋରିଷ ତେଲ ଓ ରିଫାଇନ୍ ତେଲ ଦର ଲିଟର ପିଛା ୧୦ ଟଙ୍କା ଲେଖାଏଁ ବଢ଼ି ଯଥାକ୍ରମେ ୧୯୦ ଟଙ୍କା ଓ ୧୮୦ ଟଙ୍କା ହୋଇଛି । ଓଡ଼ିଶାକୁ ଅଧିକାଂଶ ଖାଦ୍ୟ ସାମଗ୍ରୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟରୁ ଆସୁଛି । ସେହିଭଳି ଆମଦାନି ପରେ ଖାଇବା ତେଲ, ଡାଲି ଆଦି ଦର କେତେ ରହୁଛି ଏବଂ ଖାଉଟିଙ୍କୁ ବଜାରରେ କେତେ ଦରରେ ବିକ୍ରି କରାଯାଉଛି ସେ ବାବଦରେ ମଧ ସରକାରଙ୍କ ନଜର ନାହିଁ ।

କୋଷାଗୁଡ଼ା ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ ଜେଲ ଗଲେ

ଜୟପୁର, ୧୯/୬(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଅନ୍ତର୍ଗତ କୋଷାଗୁଡ଼ା ଆର୍‌ଆଇ ସର୍କଲର ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ଶୈଳବାଳା ନାଏକଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ମଙ୍ଗବାର ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। କୋର୍ଟ ତାଙ୍କ ଜାମିନକୁ ଖାରଜ କରି ଆସନ୍ତା ୩୦ ତାରିଖ ଯାଏଁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ମତ୍ସ୍ୟ ପୋଖରୀ ଯୋଜନା ଅଧୀନରେ ଜଣେ ହିତାଧିକାରୀଙ୍କ ଠାରୁ ତାଙ୍କ ଏବଂ ଅନ୍ୟ ହିତାଧିକାରୀଙ୍କ ପାଇଁ ଟ୍ରେସ୍ ମ୍ୟାପ୍ ପ୍ରଦାନ କରିବା ପାଇଁ ୪,୦୦୦ ଟଙ୍କା ଲାଂଚ ଦାବି କରୁଥିଲେ ଏବଂ ନେଉଥିଲେ। ସେହି ସମୟରେ ଭିଜିଲାନ୍ସ ଚଢ଼ାଉ କରି ଗିରଫ କରିଥିଲା। ମତ୍ସ୍ୟ ଚାଷ କାର୍ଯ୍ୟକଳାପ ପାଇଁ ମତ୍ସ୍ୟ ବିଭାଗର ମତ୍ସ୍ୟ ପୋଖରୀ ଯୋଜନା ଅଧୀନରେ ହିତାଧିକାରୀମାନେ ସବ୍‌ସିଡି ସହାୟତା ପାଇଁ ଆବେଦନ କରିଥିଲେ। ସବସିଡି ପାଇବା ପାଇଁ, ମତ୍ସ୍ୟ ବିଭାଗକୁ ସେମାନଙ୍କ ସମ୍ପୃକ୍ତ କୃଷି ପୋଖରୀର ଟ୍ରେସ୍ ମ୍ୟାପ୍ ଦାଖଲ କରିବାକୁ କୁହାଯାଇଥିଲା। ତଦନୁସାରେ, ସେମାନେ ପୋଖରୀ ଖନନ କରାଯାଇଥିବା ସେମାନଙ୍କ ସମ୍ପୃକ୍ତ ଜମି ସହିତ ଜଡ଼ିତ ଟ୍ରେସ୍ ମ୍ୟାପର କପି ପାଇଁ ଆବେଦନ କରିଥିଲେ। କିନ୍ତୁ, ଶ୍ରୀମତୀ ଶୈଳବାଳା ନାଏକ, ଆରଆଇ ଟ୍ରେସ୍ ମ୍ୟାପ୍ ପ୍ରଦାନ ପାଇଁ ହିତାଧିକାରୀଙ୍କ ଠାରୁ ୪,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ଦାବି କରାଯାଇଥିବା ଲାଂଚ ଦେବାକୁ ଅନିଚ୍ଛୁକ ହୋଇ, ହିତାଧିକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ସୂଚନା ପାଇ, ଓଡ଼ିଶା ଭିଜିଲାନ୍ସର ଏକଟିମ ଶ୍ରୀମତୀ ନାଏକ, ଆରଆଇଙ୍କୁ ହିତାଧିକାରୀଙ୍କଠାରୁ ୪,୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଧରିଥିଲେ। ସମଗ୍ର ଲାଂଚ ଟଙ୍କା ୪,୦୦୦ ଟଙ୍କା ଉଦ୍ଧାର କରାଯାଇ ତାଙ୍କଠାରୁ ଜବତ କରାଯାଇଥିଲା। ଏହି ସମ୍ପର୍କରେ, କୋରାପୁଟ ଭିଜିଲାନ୍ସ ପି.ଏସ୍. ମାମଲା ନମ୍ବର ୧୦/୨୦୨୬ ଦିପିସି (ସଂଶୋଧନ) ଆଇନ, ୨୦୧୮ ରେ ପଞ୍ଜୀକୃତ ହୋଇଛି। ଅଭିଯୁକ୍ତ ଶ୍ରୀମତୀ ନାଏକ, ଆରଆଇଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି।

ଜଗନ୍ନାଥ ଓ ଆଦର୍ଶ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା

ଭଦ୍ରକ,୧୯/୬(ନି/ପ୍ର): ଭଦ୍ରକ ଜିଲ୍ଲା ରାମଚନ୍ଦ୍ରପୁର ପଚାଂୟତ ନିମାପଡାସ୍ଥିତ ଶ୍ରୀ ଜଗନ୍ନାଥ ଆଂଚଳିକ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ବରିଷ୍ଠ କଂଗ୍ରେସନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜ ଏକ କୃଷି ଭିତିକ ପର୍ବ ହୋଇଥିବା ବେଳେ ବିଶେଷକରି ମହିଳା ମାନେ ଏହି ପର୍ବକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥାନ୍ତି ବୋଲି କହିଥିଲେ। ମହୋତ୍ସବ କମିଟିର ସଭାପତି ଡ. ଶୁଭେନ୍ଦୁ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ତାଙ୍କ ବକ୍ତବ୍ୟରେ ନିମାପଡା ପରି ଗ୍ରାମାଂଚଳରେ ବହୁ ଲୋକଙ୍କ ସମାଗମରେ ରଜ ମହୋତ୍ସବ ପାଳନ ନିଆରା ବୋଲି କହିଥିଲେ। ମହୋତ୍ସବ କମିଟିର ସଂଯୋଜକ ଶିକ୍ଷାବିତ୍ ଅଜୟ କୁମାର ପୃଷ୍ଟିଙ୍କ ମଂଚ ପରିଚାଳନାରେ ସମ୍ମାନିତ ଅତିଥି ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି, ଡ. ମୁରଲୀଧର ସୂତାର, ଭାଗିରଥୀ ସେଠୀ, ବନ୍ତ ସରପଚଂ ପ୍ରତିନିଧି ଜ୍ୟୋତିରଞ୍ଜନ ନାୟକ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ବିବରଣୀ ପାଠ ଓ ସତ୍ୟସୁନ୍ଦର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ମାଟ୍ରିକ ଟପ୍ପର ଅଭିଜିତ୍ ସାହୁ, ପ୍ରାଚୀ ପ୍ରିୟଦର୍ଶିନୀ ଦାଶ, ନୃତ୍ୟଶିଳ୍ପୀ ସାଇସ୍ନେହା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଶୁଭଶ୍ରୀ କଳା ନିକେତନ ଭୁବନେଶ୍ୱର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କମିଟି ସଦସ୍ୟ ବିଭିନ୍ନ କାର୍ଯ୍ୟକୁ ପରିଚାଳନା କରିଥିଲେ । ସେହିପରି ଆଂଚଳିକ ଆଦର୍ଶ ରଜ ମହୋତ୍ସବ ନରିପୁରରେ ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ବାଲେଶ୍ୱର ଜିଲ୍ଲାର ସିମାବର୍ତୀ ଅଂଚଳରେ ଦୀର୍ଘ ୫ ଦିନ ଧରି ବିଭିନ୍ନ ପ୍ରତିଯୋଗିତା କରି ସଭା, ପ୍ରତିଭା ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିଥିଲେ। ସଭାକୁ ବାପି ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଆଇକନ୍ ହିରୋ ରାଜରୂପ ସଂଳାପ ଓ ନୃତ୍ୟ କରିଥିବା ବେଳେ ବାଲେଶ୍ୱରର ଶ୍ରଦ୍ଧା ନୃତ୍ୟାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ପାଦକ କପିଳେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉପସଭାପତି ଶ୍ରୀକାନ୍ତ ପଣ୍ଡା, ଗଣେଶ ଜେନା, ମଦନ ମୋହନ ଚୌଧୁରୀ, ସୁବ୍ରତ ପଣ୍ଡା, ରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ବିଭିନ୍ନ କାର୍ଯ୍ୟକୁ ପରିଚାଳନା କରିଥିଲେ।

ବିବିଧା

ରାଶିଫଳ

ମେଷ: ପାରିବାରିକ ସମସ୍ୟା ଦେଖାଦେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

ବୃଷ: ବନ୍ଧୁଙ୍କ ସହଯୋଗ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

ମିଥୁନ: ଦିନଟି ଶୁଭଫଳ ପ୍ରଦାନ କରିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

କର୍କଟ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଆୟ ଓ ବ୍ୟୟ ସମାନ ରହିବ।

ସିଂହ: ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ବନ୍ଧୁ ମିଳନ ଯୋଗ ରହିଛି।

ତୁଳା: ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

ବିଛା: କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହୋଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କୌଣସି କଥାକୁ ନେଇ ମନ ଭଙ୍ଗା ହୋଇପାରେ।

ଧନୁ: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଦାନ ଧର୍ମ କରନ୍ତୁ।

ମକର: ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଟଙ୍କା ଫେରି ପାଇବେ।

କୁମ୍ଭ: ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଉଧାର ଟଙ୍କା ଫେରି ପାଇବେ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

- ୧୮୭୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା।
- ୧୯୫୯ -ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା।
- ୧୯୯୮ - କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଆରମ୍ଭ।
- ୨୦୦୦- ନ୍ୟୁୟର୍କରେ ଅନ୍ତର୍ଜାତୀୟ ଆର୍ଥିକ ବେଦ ସମ୍ମିଳନୀର ଆରମ୍ଭ।

ଆଜି ବାହୁଡ଼ିଥିଲେ

ପାଠାଗାର ଆନ୍ଦୋଳନର ପୁରୋଧା

ଦାଶରଥୀ ପଟ୍ଟନାୟକ



ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକଙ୍କର ଆଜି ପୁଣ୍ୟତିଥି। ଦାସିଆ ଅଜା ନାମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଦାସିଆ ଅଜା ୧୯୦୭ ମସିହା ଜୁଲାଇ ୧୭ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ଚନ୍ଦପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ସେ ନିଜ ଗାଁରେ ପଥୁରିଆ ଅନୁର୍ବର ଜମି ଚାଷ କରି ପେଟ ପୋଷୁଥିଲେ। ଏଥିପାଇଁ ସେ ଖୁଣ୍ଟାତଡ଼ା ଚଷା ନାମରେ ପରିଚିତ ଥିଲେ। ସେ ଦିପ୍ରହର ସମୟରେ ବିଶ୍ରାମ ନ ନେଇ ପାଠ ପଢ଼ିବାକୁ ଏକ ନିଶା ଭାବେ ଆଦରି ନେଇଥିଲେ। ବହି ପଢ଼ିବା ପାଇଁ ସେ ପର ଦିନ ପଢ଼ିବା ବହି ତା' ଆଗଦିନ ଆଣି ସଂଗ୍ରହ କରି ରଖୁଥିଲେ। କ୍ରମେ ତାଙ୍କର ଏହି ବହି ସଂଗ୍ରହ ଏକ ପାଠାଗାର ଆନ୍ଦୋଳନର ରୂପ ନେଇଥିଲା। ସେ ମୁଣ୍ଡରେ ଠେକା ଭିଡ଼ି, କାନ୍ଧରେ ଝୁଲା ମୁଣା ଧରି ସାରା ଓଡ଼ିଶା ବୁଲି ବହି ସଂଗ୍ରହ କରୁଥିଲେ। ଦାସିଆ ଅଜା ପ୍ରତିଦିନ ଏକଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ ଲେଖି ବିଭିନ୍ନ କବି ଲେଖକମାନଙ୍କୁ ପଠାଉଥିଲେ। ଲେଖା ପଢ଼ି ଉତ୍ସାହିତ କରୁଥିଲେ ଓ ଅବାଟକ ସେମାନଙ୍କ ଘରେ ବି ପହଞ୍ଚି ଯାଉଥିଲେ। ଯାହାକୁ ଭେଟୁଥିଲେ ତାଙ୍କଠାରୁ ସହଯୋଗ ଅର୍ଥ ଭାବେ ମାତ୍ର ୧୦ ପଇସା ମାଗୁଥିଲେ। ନିଜର ସଂଗୃହୀତ ଜିନିଷ ସବୁକୁ ନେଇ ଦାସିଆ ଅଜା ନୟାଗଡ଼ର ନୂଆଗାଁରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ସ୍ଥାପନା କରିଥିଲେ। ୫୦୦୦ରୁ ଅଧିକ ତାଳପତ୍ର ପୋଥି, ପୁରୁଣା ମୁଦ୍ରା, ଅସ୍ତ୍ରଶସ୍ତ୍ର, ଟେରାକୋଟା, ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟବହୃତ ଦ୍ରବ୍ୟ, ପୁରାତନ ଦସ୍ତାବିଜ, ଫସିଲ, ଡାକଟିକଟ, ବାଦ୍ୟଯନ୍ତ୍ର, ମୂଲ୍ୟବାନ ପଟ୍ଟଚିତ୍ର ଆଦି ଅନେକ ଦୁର୍ଲଭ ଜିନିଷ ରହିଛି ଏହି ସଂଗ୍ରହାଳୟରେ। ସଂଗ୍ରହାଳୟ ପରିସର ମଧ୍ୟରେ ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି। ଏକକ ପ୍ରଚେଷ୍ଟାରେ ୫୦ ହଜାରରୁ ଅଧିକ ବହି ଓ ୬୫ ହଜାରରୁ ଅଧିକ ପତ୍ରିକାରେ ସମୃଦ୍ଧ ହୋଇଥିଲା ବାଞ୍ଛାନିଧି ପାଠାଗାର। ଏଠାରେ ବିଭିନ୍ନ ଭାଷାର ଅଭିଧାନ, ୩ ହଜାର ବିରଳ ବହି ଓ ୧୯୫୯ରୁ ୧୯୯୭ ପର୍ଯ୍ୟନ୍ତ ବହୁ ଦୈନିକ ଖବରକାଗଜ ରହିଛି। ୧୯୯୭ ମସିହା ଆଜିର ଦିନରେ ୯୦ ବର୍ଷ ବୟସରେ ଦାସିଆ ଅଜାଙ୍କର ଦେହାନ୍ତ ହୋଇଥିଲା। ତେବେ ତାଙ୍କର ତିନୋଟି ଅନୁଷ୍ଠାନ ତାଙ୍କୁ ଚିରଦିନ ଅମର କରିଦେଇଛି। ସରକାରୀ ପ୍ରୋତ୍ସାହନରେ ଦାସିଆ ଅଜାଙ୍କର ତିନୋଟି ଯାକ ଅନୁଷ୍ଠାନକୁ ମିଶାଇ ଦାଶରଥୀ ପଟ୍ଟନାୟକ ଫାଉଣ୍ଡେସନ୍ ଟ୍ରଷ୍ଟ ଗଠନ କରାଯାଇଛି।

ସ୍ୱାଦହୀନ କ୍ୟାଣ୍ଡି

ପିଲାଠୁ ବୁଢ଼ା ସମସ୍ତେ ଚକଲେଟ୍ ଖାଇବାକୁ ପସନ୍ଦ କରନ୍ତି। ଚକଲେଟ୍ ସାଧାରଣତଃ ମିଠା ହୋଇଥାଏ। ଏହାବାଦ୍ ରାଗ, କୁଳିଆ, ଖଟା ସ୍ୱାଦ ଯୁକ୍ତ ଚକଲେଟ୍ ମଧ୍ୟ ବଜାରରେ ମିଳୁଛି। ଜାପାନର ଆଇଧାଡ଼ିର ରିଟେଲ୍ କମ୍ପାନୀ 'ଲାସନ' ୨୦୨୨ ମସିହାରେ ଏକ ଭିନ୍ନ ଧରଣର କ୍ୟାଣ୍ଡିକୁ ଲଞ୍ଚ କରିଥିଲା। ଏହି କ୍ୟାଣ୍ଡିର ନାଁ 'ଅଜି ନୋ ଶିନାଇ'। ସ୍ଥାନୀୟ ଭାଷାରେ ଏହାର ଅର୍ଥ ବିନା ସ୍ୱାଦର କ୍ୟାଣ୍ଡି। ଏହି କ୍ୟାଣ୍ଡି ଖାଇଲେ ଏଥିରେ କିଛି ସ୍ୱାଦ ଜଣାପଡ଼ିବ ନାହିଁ ବୋଲି ସେତେବେଳେ କମ୍ପାନି ପକ୍ଷରୁ କୁହାଯାଇଥିଲା। ଏହି କ୍ୟାଣ୍ଡି ପାଟିକୁ ମିଠା, ଖଟା, ରାଗ କି କୁଳିଆ ଲାଗିବ ନାହିଁ। ଏହାକୁ ତିଆରି କରିବା ପାଇଁ କେବଳ ଦୁଇଟି ସାମଗ୍ରୀର ବ୍ୟବହାର ହୋଇଛି। ପ୍ରଥମଟି ହେଉଛି ସିନ୍ଥେଟିକ ସୁଗାରର ବିକଳ୍ପ ଯାହାକୁ ପଲିଡେକ୍ସଟ୍ରୋଜ୍ ଓ ଅନ୍ୟଟି ହେଉଛି ଅର୍ଗାନିକ ସୁଗାରର ବିକଳ୍ପ ଏରିଥ୍ରିଟୋଲ। ତେବେ ଏହି କ୍ୟାଣ୍ଡି ଖାଇଥିବା କିଛି ଲୋକଙ୍କର କହିବାନୁସାରେ, ଏହି କ୍ୟାଣ୍ଡି ସ୍ପୋର୍ଟସ୍ ଡ୍ରିଙ୍କରେ ଅଧିକ ପାଣି ମିଶାଇଲେ ତାହା ଯେମିତି ପାଟିକୁ ଲାଗିଥାଏ ଏହା ସେମିତି ଲାଗୁଛି। ସେହିଭଳି ଆଉ କିଛି ଜଣ ଏହା ହାଲୁକା ମିଠା ଲାଗୁଛି ବୋଲି କହିଛନ୍ତି। ଅନ୍ୟପଟେ ମିଠା କିମ୍ବା ସ୍ୱାଦଯୁକ୍ତ କ୍ୟାଣ୍ଡି ଖାଇବାକୁ ପସନ୍ଦ କରୁନଥିବା ଲୋକଙ୍କ ପାଇଁ ଏହା ତିଆରି କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି। ମହାମାରୀ କରୋନା ସମୟରେ ମାସ୍କ ବ୍ୟବହାରୀଙ୍କ ପାଇଁ ମିଣ୍ଟ କ୍ୟାଣ୍ଡି ସମସ୍ୟା କରୁଥିବା ଲକ୍ଷ୍ୟ କରି ଏହି ସ୍ୱାଦହୀନ କ୍ୟାଣ୍ଡିଟିକୁ ତିଆରି କରାଯାଇଥିଲା।

ଓଜନ ବଢ଼ାଇଲେ ଅମିର୍ 'ଦାଦା ସାହେବ ଫାଲ୍କେ' ଫିଲ୍ମକୁ ନେଇ ଚର୍ଚ୍ଚା



ବଲିଉଡ୍ ଅଭିନେତା ଅମିର୍ ଖାନ୍ ଏବେ ତାଙ୍କର ନୂଆ ଲୁକ୍ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଇତିମଧ୍ୟରେ ଅମିରଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ 'ସିତାରେ ଜମିନ୍ ପର୍' ଟିମ୍ ସହ ନାଚୁଥିବାର ଦେଖାଯାଉଛନ୍ତି। ଏହି ସମୟରେ ସେ ବେଶ୍ ମୋଟା ଦେଖାଯାଉଛନ୍ତି। ଅମିରଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ 'ସିତାରେ ଜମିନ୍ ପର୍' ଲୁକ୍ ସହ ତୁଳନା କରୁଛନ୍ତି। 'ସିତାରେ ଜମିନ୍ ପର୍'ରେ ଅମିର୍ ବେଶ୍ ପତଳା ଦେଖାଯାଉଥିଲେ। ତେବେ ଅମିର୍ 'ଦାଦା ସାହେବ ଫାଲ୍କେ' ଫିଲ୍ମ ପାଇଁ ତାଙ୍କ ଓଜନ ବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି। ରାଜକୁମାର ହିରାନୀ 'ଦାଦା ସାହେବ ଫାଲ୍କେ'ଙ୍କ ବାୟୋଗ୍ରାଫି ପାଇଁ ଅମିରଙ୍କୁ ସାଇନ୍ କରିଥିବା ଜଣାପଡ଼ିଛି। ଏହାପୂର୍ବରୁ ଅମିର୍ 'ଦଙ୍ଗଲ' ଫିଲ୍ମ ପାଇଁ ଓଜନ ବଢ଼ାଇଥିଲେ। ଏହା ବକ୍ସ ଅଫିସରେ ୨୦୦୦ କୋଟିର ବିଜିନେସ୍ କରିଥିଲା। ତେବେ 'ଦଙ୍ଗଲ'ର ସଫଳତାକୁ ଦୋହରାଇବା ପାଇଁ ଅମିର୍ 'ଦାଦାସାହେବ ଫାଲ୍କେ' ଫିଲ୍ମ ପାଇଁ ଓଜନ ବଢ଼ାଇଥିବା ମଧ୍ୟ ଚର୍ଚ୍ଚା ହେଉଛି।

'ସକାଳ'ର ସ୍ୱାସ୍ଥ୍ୟ

ଟମାଟୋ ଫ୍ଲୁ

ଋତୁପରିବର୍ତ୍ତନ ଦ୍ୱାରା ସାଧାରଣତଃ ଜୀବାଣୁଜନିତ ସଂକ୍ରମଣ ଅଧିକ ବୃଦ୍ଧିପାଏ। ଦୂଷିତ ବାୟୁ ଯୋଗୁଁ ଥଣ୍ଡା, କାଶ, ଜ୍ୱର ସହିତ ଶ୍ୱାସ ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏହି କ୍ରମରେ ଏବେ ଦେଶରେ ଟମାଟୋ ଫ୍ଲୁ ନାମକ ଜୀବାଣୁ ଚିନ୍ତା ବଢ଼ାଉଛି। ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା..

ଟମାଟୋ ଫ୍ଲୁ ଏକ ଜୀବାଣୁ ସଂକ୍ରାମକ ରୋଗ। ସାଧାରଣତଃ ୫ ବର୍ଷରୁ କମ୍ ବୟସର ପିଲାଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ। ବର୍ଷାଦିନେ ବାତାବରଣ ଆର୍ଦ୍ର ଥିବାରୁ ଏହି ସମୟରେ ପରିବେଶରେ ମଶା, ମାଛି ତଥା ବିଭିନ୍ନ ଜୀବାଣୁ ଶୀଘ୍ର ବଢ଼ିଥାନ୍ତି। ପିଲାଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ଅନ୍ୟପିଲାଙ୍କ ସହ ଖେଳିବା କିମ୍ବା ଖାଇବା ଦ୍ୱାରା ଏହି ଜୀବାଣୁ ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ସଂକ୍ରମିତ ପିଲାଙ୍କ ଚର୍ମରେ ଲାଲ ଏବଂ ଗୋଲ ଗୋଲ ଟମାଟୋ ଆକାର ଫଳିଯାଉଥିବାରୁ ଏହାକୁ ଟମାଟୋ ଫ୍ଲୁ କୁହାଯାଇଥାଏ। ଏଥିରେ ସଂକ୍ରମିତ ପିଲାଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ପାଞ୍ଚଦିନ ଧରି ଜ୍ୱର ଲାଗି ରହିବା, ଦୁର୍ବଳ ଓ ଥକ୍କା ଅନୁଭବ କରିବା, ହାତ ଗୋଡ କିମ୍ବା ମୁହଁ ଓ ଜିଭରେ ଟମାଟୋ ପରି ଛୋଟ ଦାନା ବାହାରି ପୋଡ଼ାଜଳା କିମ୍ବା କୁଣ୍ଡାଇ ହେବା, ମୁଣ୍ଡବିନ୍ଧା, ଗଳା ଦରଜ, ଖାଦ୍ୟ ଢୋକିବାରେ ସମସ୍ୟା, ଆଣ୍ଠୁ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣକୁ ଅବହେଳା କଲେ ଏହା ରୋଗପ୍ରତିରୋଧକଶକ୍ତିକୁ ହ୍ରାସ କରିଦିଏ। ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଏହା ସହିତ ପିଲାଙ୍କ ଖାଦ୍ୟପେୟ ଓ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି। ଘର ପରିବେଶକୁ ସଫା ରଖିବା ଦ୍ୱାରା ଜୀବାଣୁ ସଂକ୍ରମଣର ଆଶଙ୍କା ହ୍ରାସ ପାଏ। ସେହିପରି ରୋଗାକ୍ରାନ୍ତ ପିଲାଙ୍କୁ ଅନ୍ୟପିଲାଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ। ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଆଇବା ସହିତ ପୌଷ୍ଟିକ ଖାଦ୍ୟ ଦେବା ଦରକାର। ଧ୍ୟାନ ଦେବେ, ପିଲା ଯେମିତି ଫୋଟକାକୁ ନ କୁଣ୍ଡାନ୍ତି। ସଂକ୍ରମିତ ପିଲାଙ୍କୁ ସ୍କୁଲ କିମ୍ବା ବାହାରକୁ ଖେଳିବାକୁ ଛାଡ଼ନ୍ତୁନି। ବାହାର ଖାଦ୍ୟ ଏବଂ ଆମିଷ ଖାଦ୍ୟରୁ ଦୂରେଇ ରଖନ୍ତୁ। ଧୂଳିଠାରୁ ପିଲାଙ୍କୁ ଦୂରେଇ ରଖିବା ସହ ଡାକ୍ତରୀ ପରାମର୍ଶ ଅନୁସାରେ ଔଷଧ ଦେଲେ ଜ୍ୱରର ତୀବ୍ରତା କମି ଥାଏ।

ଆଇଡ୍ରପ୍ ପକାଉଥିଲେ...

ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ବୟସ ହେଲେ କିମ୍ବା ଅନ୍ୟ କୌଣସି କାରଣରୁ ଦୃଷ୍ଟି ଶକ୍ତି ହ୍ରାସ ପାଇଲେ, ଡାକ୍ତରଙ୍କ ପରାମର୍ଶରେ ଆଖିର ଯତ୍ନ ନିଆଯାଏ। ଆଖି ସଂକ୍ରମଣ କିମ୍ବା ଗ୍ଲୁକୋମା ଆଦି ହେଲେ ଆଇ ଡ୍ରପ୍ ବ୍ୟବହାର କରାଯାଏ। ହେଲେ ଜାଣନ୍ତି କି ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାଇବା ଦ୍ୱାରା ଏହା ଆଖି ସଂକ୍ରମଣର କାରଣ ସାଜିପାରେ।

ଆଖିରେ କୌଣସି ସମସ୍ୟା ଦେଖା ଗଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଖିର ଯତ୍ନ ନିଆଯାଏ। ତେଣୁ ଡାକ୍ତର ପ୍ରେସ୍କ୍ରାଇବ କରିଥିବା ଆଖିଡ୍ରପକୁ ସଠିକ୍ ଶୈଳୀ ଏବଂ ସାବଧାନତା ସହିତ ପକାଇବା ଦ୍ୱାରା ଏହା ଚକ୍ଷୁ ଜନିତ ସମସ୍ୟା କମ୍ କରିବାରେ ସହାୟ ହୋଇଥାଏ। ହେଲେ ଅଧିକାଂଶ ଭୁଲ ଶୈଳୀରେ ଆଇ ଡ୍ରପ୍ ପକାନ୍ତି। ଏହାଦ୍ୱାରା ଆଖି ସଂକ୍ରମଣର କାରଣ ସାଜିପାରେ। ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ଲୁକୋମା ରୋଗୀମାନେ ଆଖିରେ ଡ୍ରପ ପକାଇବା ପୂର୍ବରୁ ଭଲଭାବେ ହାତ ଧୋଇବା ଦରକାର। ଡ୍ରପ ପକାଇଲା ପରେ ଆଖିର କୋଣରେ ନାକିର ନିକଟେ (ତିଅରଡକ୍ଟ) ୧ ମିନିଟ୍ ପର୍ଯ୍ୟନ୍ତ ହାଲୁକା ଚାପ ଦେଲେ ଔଷଧ ଭଲ ଭାବେ କାମ କରିଥାଏ। ଡାକ୍ତର ଯେପରି ମାତ୍ରା ଓ ସମୟ କହିଛନ୍ତି ସେହିଭଳି କରିବା ଆବଶ୍ୟକ।

ସେହିପରି ଆଇଡ୍ରପ୍ ଦ୍ୱାରା ଆଖିକୁ ଛୁଇଁବା ତଥା ହାତ ନ ଧୋଇ ଆଖିରେ ହାତ ମାରିବା ଅଭ୍ୟାସ ସଂକ୍ରମଣ ବୃଦ୍ଧି କରାଏ। ଅଧିକାଂଶ ଆଇ ଡ୍ରପର ଏକ୍ସପାଏରୀ ତାରିଖ ଦେଖନ୍ତିନି କିମ୍ବା ଖୋଲା ପଡ଼ିଥିବା ପୁରୁଣା ଆଇ ଡ୍ରପ୍ ବ୍ୟବହାର କରିଦିଅନ୍ତି। ଏଥିଯୋଗୁଁ ଆଖି ସଂକ୍ରମଣ ହୁଏ। ଲେନ୍ସ ବ୍ୟବହାର କରୁଥିଲେ, ଆଇଡ୍ରପ ବ୍ୟବହାର ପୂର୍ବରୁ ଲେନ୍ସକୁ କାଢ଼ିଦେବା ମଧ୍ୟ ଜରୁରି। ସେହିପରି ଡ୍ରପ୍ ପକାଇ ଆଖିକୁ ତୁରନ୍ତ ବନ୍ଦ ନ କଲେ ବି ଆଖି ସଂକ୍ରମଣର କାରଣ ସାଜିପାରେ। ତେଣୁ ପଛକୁ ମୁଣ୍ଡ କରି ତଳ ଆଖିପତାକୁ ହାଲୁକା ଟାଣି ଆଇଡ୍ରପ୍ ପକାଇବା ଉଚିତ। ଡ୍ରପ୍ ପକାଇବା ସମୟରେ ଡ୍ରପର ଆଖିକୁ ଯେପରି ସ୍ପର୍ଶ ନ କରେ ତାହା ଧ୍ୟାନ ଦେବା ଦରକାର। ଡ୍ରପ୍ ପକାଇବା ପରେ ତୁରନ୍ତ ଆଖିକୁ ବନ୍ଦ କରିବା ହିତକର।

ବହୁ ରୋଗର ମହୌଷଧି ଗୁଳୁଚି

ଗିଲୋୟ ବା ଗୁଳୁଚିର ବୈଜ୍ଞାନିକ ନାଁ ଟିନୋସ୍ପୋରା କୋରଡିଫୋଲିଆ। ଆୟୁର୍ବେଦରେ ଏହାକୁ ଅମୃତା ବୋଲି କୁହାଯାଏ। ଆମ୍ବ, ଲିମ୍ବ, ପିଜୁଳି ଆଦି ବଡ଼ଗଛମାନଙ୍କ ଉପରେ ଏହା କୁଣ୍ଡଳୀ ଆକାରରେ ମାଡ଼ିଥାଏ। ଏହାର ପତ୍ରଗୁଡ଼ିକ ହୃଦୟାକାର, ପାନପତ୍ର ସଦୃଶ ଅଟେ। ଏହା କେବଳ ଏକ ଔଷଧୀୟ ଗଛ ନୁହେଁ, ବରଂ ପ୍ରାକୃତିକ ଟନିକ୍ ଭାବେ ଶରୀରରେ ବହୁ ରୋଗ ଦୂର କରିପାରେ।

- ପ୍ରତିଦିନ ସକାଳୁ ଖାଲି ପେଟରେ ୨ରୁ ୩ଟି ଗୁଳୁଚି ପତ୍ରକୁ ଧୋଇ ଚୋବାଇଲେ, ଜ୍ୱର, ଡେଙ୍ଗୁ, ଗାଉଟ୍, ଆମବାତ, ଅର୍ଶ, କାଶ, ଶ୍ୱାସ, ହୃଦ୍‌ରୋଗ, ବାତରକ୍ତ ଆଦି ରୋଗ ଦୂର ହୋଇଥାଏ। ଜୀବାଣୁ ଜନିତ ସଂକ୍ରମଣରେ ଏହା ପ୍ଲେଟଲେଟ୍ସ ସଂଖ୍ୟା ବଢ଼ାଇ ଶରୀରକୁ ସୁସ୍ଥ ରଖେ।
- ଗୁଳୁଚି କ୍ୱାଥ ୫ ଦିନ ଯାଏ ସେବନ ଦ୍ୱାରା ପାଚନ ବିକାର ଯଥା- ଅଗ୍ନିମାନ୍ଦ୍ୟ, ଯକୃତ ବିକାର, କାମଳ, ମଧୁମେହ, ଅମ୍ଳପିତ୍ତ, କୃମି ଆଦି ରୋଗର ଉପଶମ ହୋଇଥାଏ।
- ଗୁଳୁଚି ପତ୍ର ତଥା ନିମ୍ବ ପତ୍ରର ସମପରିମାଣରୁ କ୍ୱାଥ କରି ୫ ଦିନ ଯାଏ ପିଇଲେ ବାତରକ୍ତ, ଆମବାତ, ଚର୍ମରୋଗ ଆଦିରୁ ଉପଶମ ମିଳିଥାଏ।
- ଗୁଳୁଚି ଲତାକୁ ଚାରିଗୁଣ ପାଣିରେ ସିଝାଇ ତାହାକୁ ଏକ ରାତି ରଖି ସେଥିରେ ମହୁ ମିଶାଇ ପ୍ରତିଦିନ ଦୁଇଥର ସେବନ କଲେ ସମସ୍ତ ପ୍ରକାର ଜ୍ୱରରୁ ଉପଶମ ମିଳେ। ତେବେ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ଅନୁମୋଦିତ ମାତ୍ରାରେ ଗୁଳୁଚି ବ୍ୟବହାର କରିବା ଆବଶ୍ୟକ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଗୁଳୁଚିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ

ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସମୟ ପଛ ପକେଟ୍‌ରେ ପର୍ସ ବା ୱାଲେଟ୍ ରଖିଥାନ୍ତି। ହେଲେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୀର୍ଘ ସମୟ ଅଫିସ୍‌ରେ ରହିବା ତଥା ଗାଡ଼ି ଚଳାଇବା ସମୟରେ ପଛ ପକେଟ୍‌ରେ ପର୍ସ ରଖିବା ଦ୍ୱାରା ଏହା ଅଜାଣତରେ ହାଡ଼ ଏବଂ ମାଂସପେଶୀ ଉପରେ ଚାପ ପକାଏ। ଏହି ଚାପ ସ୍ନାୟୁ ଏବଂ ମାଂସପେଶୀକୁ ପ୍ରଭାବିତ କରି ସାଇଟିକା ପରି ଗମ୍ଭୀର ରୋଗ ସୃଷ୍ଟି କରେ। ଡାକ୍ତରୀ ଭାଷାରେ ଏହାକୁ 'ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ' ବା 'ୱାଲେଟ୍ ନ୍ୟୁରୋପାଥି' କୁହାଯାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ପର୍ସ ମୋଟା ହେଉ କି ପତଳା, ପଛ ପକେଟ୍‌ରେ ଦୀର୍ଘ ସମୟ ରଖିବା ଦ୍ୱାରା ସ୍ନାୟୁ ଏବଂ ମାଂସପେଶୀ ପ୍ରଭାବିତ ହୁଏ। ଅଣ୍ଟା ଏବଂ ପାଦ ଯନ୍ତ୍ରଣା ପରି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ସେହିପରି ପକେଟ୍‌ରେ ପର୍ସ ସହିତ ବସିବା ଦ୍ୱାରା ମେରୁଦଣ୍ଡ ପ୍ରଭାବିତ ହୋଇ ଧୀରେ ଧୀରେ ଏହା ବଙ୍କା ହୋଇପାରେ। ଏହାର ପ୍ରଭାବ କେବଳ ବସିବା ସମୟରେ ନୁହେଁ, ବରଂ ଛିଡ଼ା ହେବା କିମ୍ବା ଚାଲାବୁଲା କରିବାରେ ଅନୁଭୂତ ହୋଇଥାଏ। ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇ ନ ଥାଏ। ନିୟମିତ ଶାରୀରିକ କାର୍ଯ୍ୟକଳାପ, ଫିଜିଓଥେରାପି, ଯୋଗ ଆଦି କଲେ ଏହି ସମସ୍ୟାରୁ ଉପଶମ ମିଳିପାରେ। ତେଣୁ ପର୍ସକୁ ସର୍ବଦା ଆଗ ପକେଟ୍‌ରେ ରଖିବା ସୁରକ୍ଷିତ ଉପାୟ। ଦୀର୍ଘ ସମୟ ଧରି ପିଠି କିମ୍ବା ପାଦରେ ଯନ୍ତ୍ରଣା ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୨୦ ଜୁନ୍ ୨୦୨୬

ଅନ୍ତରୀକ୍ଷରୁ ନଜର

ଯଦିବା ବିକାଶ ଓ ଉତ୍କର୍ଷ ସାଧନ ଆମ ଦେଶର ଧ୍ୟେୟ ହୋଇଥାଏ, ଆମକୁ ଘେରି ରହିଥିବା ପ୍ରମୁଖ ଶତ୍ରୁ ରାଷ୍ଟ୍ର ଦ୍ୱୟଙ୍କ ଅଭିସନ୍ଧି ହେଲା ଆମକୁ ଅସ୍ଥିର-ଅତିଷ୍ଠ କରି ରଖିବା, ଯଦ୍ଦ୍ୱାରା ଆମ ଧାନ ଭ୍ରଷ୍ଟ ହେବ । ଏଭଳି ଆଭିମୁଖ୍ୟର ମୁକାବିଲା କରିବା ଲାଗି ମହାକାଶ ଗବେଷଣା ଓ ପ୍ରଯୁକ୍ତିର ରଣନେ ?ତିକ ଉପଯୋଗକୁ ପାସୋରି ଯିବା ଆମ ଲାଗି ବୁଦ୍ଧିମତ୍ତାର ପରିଚାୟକ ହେବ ନାହିଁ । ୨୦୨୫, ଜାନୁଆରି ମାସରୁ ୨୦୨୬ ଜୁନ୍ ମାସ ପର୍ଯ୍ୟନ୍ତ ୧୬ ମାସର ଅବଧି ମଧ୍ୟରେ ଅନ୍ତରୀକ୍ଷରେ ସହସା ପାକିସ୍ତାନର ପଦଚିହ୍ନମାନ ଦୃଷ୍ଟିଗୋଚର ହୋଇଛି; ଅର୍ଥାତ୍ ଏହି କାଳ ଖଣ୍ଡ ମଧ୍ୟରେ ପାକିସ୍ତାନର ଛଅଟି 'ଆର୍ଥ ଅବଜର୍ଭେସନ ସାଟେଲାଇଟ' ବା 'ଭୂପୃଷ୍ଠ ନିରୀକ୍ଷଣକାରୀ ଉପଗ୍ରହ' ବା ସଂକ୍ଷେପରେ 'ଇ.ଓ.ଏସ.' ପୃଥିବୀର କକ୍ଷପଥରେ ସ୍ଥାପିତ ହୋଇ ପ୍ରଦକ୍ଷିଣ କରିବାରେ ଲାଗିଲେଣି । ମହାକାଶ ଗବେଷଣା କ୍ଷେତ୍ରରେ ପାକିସ୍ତାନର ଏଭଳି ଅଚାନକ ଦୃଶ୍ୟମାନତାକୁ ତା'ର ଗବେଷଣାଗତ ଉପଲବ୍ଧି ବୋଲି ଅବଶ୍ୟ କୁହାଯିବ, କିନ୍ତୁ, ତା' ପଛରେ ଥିବା ଉଦ୍ଦେଶ୍ୟ ଯେ ବିଶେଷ ନିରୀହ ହୋଇ ନ ଥିବ, ସେ ସନ୍ଦେହ ମଧ୍ୟ ଉପୁଜି ଥାଏ ! ସୁତରାଂ, ରଣନେ ?ତିକ ଦୃଷ୍ଟିରୁ ଏହା ଭାରତ ସକାଶେ ଉଦ୍‌ବେଗଜନକ ବୋଲି ମଧ୍ୟ କୁହାଯାଇପାରେ ! ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତା ପରେ ଉଭୟ ଭାରତ ଓ ପାକିସ୍ତାନ ପ୍ରାୟ ଏକ ସମୟରେ ମହାକାଶ ଗବେଷଣା କ୍ଷେତ୍ରରେ ପ୍ରବେଶ କରିଥିଲେ, କିନ୍ତୁ ଭାରତ ତହିଁରେ ନିରନ୍ତର ଅଗ୍ରସର କରି ଚାଲିଥିବା ସ୍ଥଳେ ପାକିସ୍ତାନରେ ତାହା ବସ୍ତୁତଃ ମୃତବତ୍ ଅବସ୍ଥାରେ ଥିଲା । ୧୯୬୨ ମସିହାରୁ ପାକିସ୍ତାନର ମହାକାଶ ଗବେଷଣା ପ୍ରତିଷ୍ଠାନ ବା 'ସୁପାର୍କୋ' (ଭାରତର 'ଇସ୍ରୋ' ଭଳି)ର ପ୍ରତିଷ୍ଠା ହୋଇ ସାରିଥିଲେ ହେଁ ୨୦୨୧ ମସିହାରୁ, ଅନ୍ୟ ଦେଶର ସହଯୋଗରେ, ପାକିସ୍ତାନର ଉପଗ୍ରହମାନ ଅନ୍ତରୀକ୍ଷରେ ପଦାର୍ପଣ କରିଥିଲେ । ସେବେଠାରୁ ୨୦୨୪ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ପାକିସ୍ତାନ ପ୍ରେରଣ କରିଥିବା ଉପଗ୍ରହ ସଂଖ୍ୟା ଥିଲା ମାତ୍ର ନଅ । ଏଭଳି ସ୍ଥଳେ, ୨୦୨୫ ମସିହା ଜାନୁଆରିରୁ ପରିଦୃଷ୍ଟ ପାକିସ୍ତାନୀ ଅତ୍ୟୁତ୍ସାହ ଅସାମାନ୍ୟ ଭଳି ମନେ ହୋଇଥାଏ । ଏହି କ୍ରମରେ ପାକିସ୍ତାନ ଏକ ଦ୍ରୁତ ଅନ୍ତରାଳରେ ୨୦୨୫ ଜାନୁଆରିରୁ ୨୦୨୬, ଏପ୍ରିଲ ମଧ୍ୟରେ ଛଅଟି 'ଇ.ଓ.ଏସ.' ପଠାଇ ସାରିଛି । ତେଣୁ, ପ୍ରଶ୍ନ ଉଠିଥାଏ ଯେ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା କ୍ଷେତ୍ରରେ ଏକ ପରିଚୟ ସୃଷ୍ଟି କରିବା ସକାଶେ ଏହା ପାକିସ୍ତାନର ଏକ ଉଦ୍ୟମ ନା ଏହା ପଛରେ କୌଣସି ନିର୍ଦ୍ଦିଷ୍ଟ ରଣନୈତିକ ଉଦ୍ଦେଶ୍ୟ ନିହିତ ? ପୁଣି, 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ପକ୍ଷରୁ ପ୍ରଦର୍ଶିତ ଏହିଭଳି ଚଳଚଂଚଳତା ହେତୁ ଉପରୋକ୍ତ ପ୍ରଶ୍ନ ଅଧିକ ପ୍ରାସଙ୍ଗିକ ହୋଇଥାଏ । ପ୍ରକାଶ ଥାଉ କି ପାକିସ୍ତାନର ଉପଗ୍ରହଗୁଡ଼ିକ ତାର ପରମ ମିତ୍ର ଚୀନର ପ୍ରତ୍ୟକ୍ଷ ପ୍ରଯୁକ୍ତିଗତ ସହାୟତାରେ ନିର୍ମିତ ଏବଂ ଚୀନର ମହାକାଶ ଉତ୍‌ପେକ୍ଷପଣ କେନ୍ଦ୍ରଗୁଡ଼ିକରୁ ପ୍ରେରିତ । ଏଠାରେ ସ୍ମରଣଯୋଗ୍ୟ ଯେ 'ଅପରେସନ ସିନ୍ଦୂର' କାଳୀନ ଘନଘଟା ସମୟରେ ଭାରତର ସାମରିକ ଗତିବିଧି ସଂପର୍କିତ ପ୍ରାକ୍-ସୂଚନାମାନ ନିରନ୍ତର ଭାବେ ଚୀନା ଉପଗ୍ରହ ସୈଜନ୍ୟରୁ ପାକିସ୍ତାନକୁ ମିଳିବାରେ ଲାଗିଥିଲା । କିନ୍ତୁ, ଅନ୍ତରୀକ୍ଷରୁ ଭାରତ ଉପରେ ବରାବର ଗୃଧ୍ର ଦୃଷ୍ଟି ରଖିବାରେ ସ୍ୱୟଂ ସମର୍ଥ ହେବା ଲାଗି ପାକିସ୍ତାନ ଯେ ଉଦ୍‌ଗ୍ରୀବ ହୋଇ ଉଠିଥିବ ଏଥିରେ ଦ୍ୱିରୁକ୍ତି ନାହିଁ, ଯେଉଁଥି ଲାଗି ହୁଏତ ଏଭଳି ପ୍ରୟାସର ଆବଶ୍ୟକତା ରହିଛି । ସଂପ୍ରତି, ବିଭିନ୍ନ ଦେଶରୁ ପ୍ରେରିତ 'ଇ.ଓ.ଏସ.'ର ସଂଖ୍ୟା ପ୍ରାୟ ୧୫୦୦, ଯଦ୍ଦ୍ୱାରା କୃଷି, ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି ନେଇ ଅତ୍ୟନ୍ତ ଉପଯୋଗୀ ସୂଚନା ଓ ତଥ୍ୟମାନ ମିଳିଥାଏ । କିନ୍ତୁ ଯେଉଁ ଉଦ୍ଦେଶ୍ୟ ପ୍ରଚ୍ଛନ୍ନ ରହେ, ତାହା ହେଲା ଏହି ସବୁ ଉପଗ୍ରହ ମାଧ୍ୟମରେ ବିଭିନ୍ନ ସାମରିକ ଓ ବେସାମରିକ ଗତିବିଧି ଉପରେ ଦୃଷ୍ଟି ରଖିବା, ପ୍ରକାରାନ୍ତରେ ଗୁପ୍ତଚରଗିରି । ଏହି ପ୍ରସଙ୍ଗରେ ବରିଷ୍ଠ ସାମ୍ବାଦିକା ସୈମ୍ୟା ପିଲ୍ଲେଙ୍କ ଦ୍ୱାରା 'ଦ ପ୍ରିଂଟ'ରେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ବିଶେଷ ପ୍ରଣିଧାନଯୋଗ୍ୟ । ତାଙ୍କ ରିପୋର୍ଟ ଅନୁସାରେ ପାକିସ୍ତାନୀ 'ଇ.ଓ.ଏସ.'ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି ଓ ଲେଜର-ଚିହ୍ନଟ ସାମର୍ଥ୍ୟ ବହନ କରିଥାଆନ୍ତି, ଯଦ୍ଦ୍ୱାରା ସେଗୁଡ଼ିକୁ ବହଳ ମେଘମାଳାଭେଦୀ ଦୃଷ୍ଟି ମିଳିଥାଏ ଓ ଭୂପୃଷ୍ଠରେ ହେଉଥିବା ଗତିବିଧି ଉପରେ ନିରନ୍ତର ନଜର ରଖିବା ସମ୍ଭବ ହୁଏ । ଏହି ଛଅଟି ଉପଗ୍ରହ ମଧ୍ୟରେ ଥିବା ଅଧିକ ଉନ୍ନତ 'ହାଇପର ସ୍ପେକ୍ଟ୍ରାଲ' ଉପଗ୍ରହ ଦ୍ୱାରା ଛଳ ଅବରଣ (କାମୁଫ୍ଲେଜ) ତଳେ ଘଟୁଥିବା ସନ୍ଦିଗ୍ ?ଧ କାରବାରକୁ ମଧ୍ୟ ଠଉରା ଯାଇପାରେ । ତେବେ, ସେ ?ମ୍ୟାଙ୍କ ଅନୁସନ୍ଧାନରୁ ଯେଉଁ ଗୋଟିଏ ସୂଚନା ବିଶେଷ ଭାବେ ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ହେଲା 'ପି.ଆର.ଏସ.ସି.-ୟୁ-୩' ନାମକ ଉପଗ୍ରହର ଢଳାଣକୁ ନିୟମିତ ବା ସାଧାରଣଠାରୁ ୩୮ ପ୍ରତିଶତ ଅଧିକ ରଖିବାର ଯୋଜନାବଦ୍ଧ ବ୍ୟବସ୍ଥା କରାଯିବା, ଯାହା ଫଳରେ ଉପଗ୍ରହର ଦୃଷ୍ଟି ପଟଳ ୩୦ରୁ ୪୦ ଡିଗ୍ରି ଅକ୍ଷାଂଶ ମଧ୍ୟରେ କେନ୍ଦ୍ରୀଭୂତ ରହିବ । ଏହା ଫଳରେ ଉତ୍ତର ଭାରତ, ନିର୍ଦ୍ଦିଷ୍ଟ ଭାବେ ଜାମ୍ମୁ ଓ କାଶ୍ମୀର ଅଂଚଳ, ଯହିଁରେ ଭାରତୀୟ ସାମରିକ ବାହିନୀର ନର୍ଦ୍ଦନ କମାଣ୍ଡ୍ ଓ ୱେଷ୍ଟର୍ନ କମାଣ୍ଡ୍ ?ର କିୟଦାଂଶ ଅନ୍ତର୍ଭୁକ୍ତ, ନିରନ୍ତର ପାକିସ୍ତାନର ନଜର ତଳେ ରହିବ । ସେ ?ମ୍ୟାଙ୍କ ମତରେ ହୁଏତ ଏହା ହୋଇପାରେ ଭାରତ ବିପକ୍ଷରେ ପାକିସ୍ତାନର ଦୀର୍ଘମିଆଦୀ ପ୍ରସ୍ତୁତିର ଏକ ଅଂଶ ! ଏଥିରେ ଦ୍ୱିରୁକ୍ତି ନାହିଁ ଯେ ମହାକାଶ ଗବେଷଣା କ୍ଷେତ୍ରରେ ପାକିସ୍ତାନଠାରୁ ଭାରତ ଅନେକ ଯୋଜନ ଆଗରେ । ୧୯୭୩ ମସିହାରୁ ଭାରତ ୬୪ଟି ବିଭିନ୍ନ ପ୍ରକାର ଉପଗ୍ରହ ଅନ୍ତରୀକ୍ଷକୁ ପଠାଇ ସାରିଛି, ଯହିଁରୁ ୨୧ଟି ହେଉଛନ୍ତି 'ଇ.ଓ.ଏସ.' । ଉପଗ୍ରହ ନିର୍ମାଣ ଓ ପ୍ରେରଣରେ ଭାରତ କେବଳ ସଂପୂର୍ଣ୍ଣ ଆତ୍ମନିର୍ଭର ହୋଇନାହିଁ, ଅନ୍ୟ ରାଷ୍ଟ୍ରଙ୍କ ସକାଶେ ଉପଗ୍ରହ ନିର୍ମାଣଶାଳା ଓ ପ୍ରେରଣ କେନ୍ଦ୍ରରେ ପରିଣତ ହେଲାଣି । ଏବଂ ଯାହା ପ୍ରଣିଧାନଯୋଗ୍ୟ, ତାହା ହେଲା ଏଥିରେ ଏ ଯାବତ୍ ? ଭାରତ ଭାଗ୍ୟରେ ପଡ଼ିଛି ମାତ୍ର ଚାରିଟି ପୂର୍ଣ୍ଣ ଏବଂ ଗୋଟିଏ ଆଂଶିକ ବିଫଳତା । ତେବେ, ଚିନ୍ତାଜନକ ବିଷୟଟି ହେଲା ୧୯୭୩ ମସିହାର ପ୍ରଥମ ଉଦ୍ୟମ ବିଫଳ ହେବା ପରେ ଦ୍ୱିତୀୟ ବିଫଳତା ଆସିଥିଲା ୨୦୧୭ ମସିହାରେ, ଅଥଚ ତା' ପରବର୍ତ୍ତୀ ଦୁଇଟି ବିଫଳତା ଆସିଥିଲା ଅନପେକ୍ଷିତ ଭାବେ ଓ ଦ୍ରୁତ ଅନ୍ତରାଳରେ ଅର୍ଥାତ୍ ୨୦୨୫, ମେ ମାସ ୮ ତାରିଖ ଓ ୨୦୨୬, ଜାନୁଆରି ୨୯ ତାରିଖରେ, ଯହିଁରେ ଥିଲା 'ଅନ୍ୱେଷା' ନାମକ 'ହାଇପର ସ୍ପେକ୍ଟ୍ରାଲ' ଉପଗ୍ରହ ସ୍ଥାପନର ଉଦ୍ୟମ । କହିବା ଅନାବଶ୍ୟକ ଯେ 'ଅପରେସନ ସିନ୍ଦୂର' ପରେ

ଅସରପା ହୁଅନ୍ତି କେମିତି !

ଚାଉଳ ଓ ପିଆଜର ଖାଦ୍ୟ-ବାସ୍କେଟ କେତେବେଳେ କ୍ଷମତାର ଏପଟ ସେପଟ ପାଇଁ ନିର୍ଣ୍ଣାୟକ ହୋଇ ଉଭା ହୋଇଛି ତ ପୁଣି ବୋଫର୍ସ ଓ ସ୍ପେକ୍ଟ୍ରମ ଭଳି ସାଧାରଣ ଜନତାଙ୍କୁ ସିଧା ଛୁଉଁ ନ ଥିବା ବିଷୟଗୁଡ଼ିକ ଦେଶର ରାଜନୀତିରେ କମ୍ପନ ସୃଷ୍ଟି କରିଛି । କିନ୍ତୁ ପ୍ରଶ୍ନ ଓ ଉତ୍ତରର ଦିନ ସବୁ ସରି ଆସୁଛି । ଓଡ଼ିଶା ଭଳି ହାତଗଣତି ରାଜ୍ୟକୁ ଛାଡ଼ି ଦେଲେ ରାଜନୀତିର ବୁନିୟାଦ ଆଜି ଜାତି, ଧର୍ମ, ଆଂଚଳିକବାଦରେ ସଂପୂର୍ଣ୍ଣ ଜଡ଼ସଡ଼ । ଏହି ତିନିଗୋଟି ବିଭାଜିକା ନାଗରିକର ଚରିତ୍ର ସ୍ଖଳନ କରେ । ଶାସକକୁ ବାଟବଣା କରେ । ବିଡ଼ମ୍ବନା ହେଉଛି, ଦିନକୁ ଦିନ ଆମେ ଜାତି, ଜାତୀୟତାର 'ବାଦ'ରେ ଏତେ ଉବୁଟୁବୁ ଯେ, ଜାତୀୟତାକୁ ତିଆରି କରୁଥିବା ବ୍ୟକ୍ତି ନାଗରିକ ଜୀବନର ସ୍ୱାଚ୍ଛନ୍ଦ୍ୟ ପାଇଁ କୂଳ କିନାରା ଧରିବାର ସମ୍ଭାବନା କ୍ଷୀଣ ହୋଇ ଚାଲିଛି । ମଣିଷ ଯେ, 'ହୋମୋ-ଇକୋନୋମିକ୍ସ' ଓ ଅର୍ଥନୀତିରେ ତା'ର ଭାଗୀଦାରି, ସ୍ୱାଧୀନତାର ପରିଧିକୁ ପ୍ରଶସ୍ତ ଓ ସୁରକ୍ଷିତ କରେ- ସର୍ବ ଉତ୍ଥାନର ଏହି ଆପେକ୍ଷିକ ସୂତ୍ରଟିକୁ 'ବାଦ'ର ସଂକୀର୍ଣ୍ଣତାରେ ଆଖ୍ୟାୟିତ କରାଯାଉଛି । 'କର୍ପୋରେଟାଇଜେସନ୍'ର ସହଜ ବିମୁଗ୍ଧୀକରଣ ନେତାଙ୍କୁ ନିଶୁଣୀ ବଢ଼େଇ ଦେଉଛି । ଆଉ ଝଲସା ଆଖିରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଢୋଲ ପିଟିବାରେ ବ୍ୟସ୍ତ । ଶିଡ଼ିର ଉପର ବାଲା ତ ବ୍ୟବସ୍ଥାର ହିତାଧିକାରୀ । ତଳେ ଅଧିକାଂଶ ବଶୀଭୂତ 'ଲୁମ୍ପେନ୍' ହେବାକୁ ସଦା ପ୍ରସ୍ତୁତ । ଆଲୋଚିତ ଅର୍ଥନୈତିକ ପାହ୍ୟାର ପରିସଂସ୍ଥାନର ଜନସଂଖ୍ୟାରୁ ଗଣ ସଂସାଧନ ତିଆରି କରିବାର ଅଭିପ୍ରାୟ ଓ କାର୍ଯ୍ୟାନ୍ୱୟନ କେବଳ ବିପଥ ଚାଳିତ ନୁହେଁ, ବିପର୍ଯ୍ୟସ୍ତ । ଉତ୍ପାଦ ଓ ଉତ୍ପାଦିକା ଶକ୍ତିର ବୃଦ୍ଧି ପାଇଁ ଅର୍ଥବୋଧକ ନିଯୁକ୍ତି ଓ ନିୟୋଜନ ବେଶୀ ଅଂଶରେ ପରାହତ । ୨୦୨୫-୨୬ରେ ଆମର ସମଷ୍ଟିଗତ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର ଶତକଡ଼ା ୭.୭ । ଏହାକୁ ଅବ୍ୟାହତ ରଖିବାକୁ ଓ ତ୍ୱରିତ କରିବାକୁ ହେଲେ ନିଯୁକ୍ତି ଓ ଲାଭଦାୟୀ ନିୟୋଜନକୁ ବ୍ୟାପକ କରିବାକୁ ହେବ । ୧୪୬ କୋଟି ଦେଶର ଭାରତରେ ୬୦ରୁ ୭୦ କୋଟି ଯୁବକଙ୍କ ହାତକୁ କାମ ଦରକାର । ଯୁବଶକ୍ତିର ନିୟୋଜନ ବିଷୟରେ ବିଭିନ୍ନ ପରିସଂଖ୍ୟାନ ଦିଆଯାଉଛି । ଏହାର ଶତାଂଶ ହାର ବିସମ୍ବାଦିତ । କିନ୍ତୁ ଅଧିକ ଉଦ୍ ?ବେଗର କାରଣ ହେଉଛି, ନିୟୋଜିତ ସମୁଦାୟ ମଧ୍ୟରୁ ଶତକଡ଼ା ନବେରୁ ଅଧିକ ଅଣ-ସଂଗଠିତ କ୍ଷେତ୍ରରେ କାମ କରୁଛନ୍ତି । ଏହା କେଉଁଠି ଠିକ୍ ଅର୍ଥରେ କର୍ମନିଯୁକ୍ତି ଓ କେଉଁଠି ଦକ୍ଷତା ଅନୁପୂରକ ନୁହେଁ । ଏହି ଶ୍ରମ ଶକ୍ତି ମଧ୍ୟରେ ଅଛନ୍ତି 'ଗିଗ୍ ୱାର୍କର୍ସ' । ନିଯୁକ୍ତିର ସର୍ତ୍ତ, ନିରାପତ୍ତା, ନିଶ୍ଚିତ ଭବିଷ୍ୟତ ଏବଂ ଏକ ସୁନ୍ଦର ପାରିବାରିକ ଜୀବନ ପାଇଁ ସ୍ୱାବଲମ୍ବନକୁ ଛାଡ଼ି ଆଉ ଯଦି ଅନ୍ୟ କିଛି ବୃତ୍ତିର ପରିଭାଷା ହୋଇପାରେ, ଏହି ବର୍ଗ କେବଳ ସେହି ସଂଜ୍ଞାଭୁକ୍ତ ହେବେ । ନିର୍ଦ୍ଦିଷ୍ଟ କାର୍ଯ୍ୟର ସଂପାଦନ ପାଇଁ ଗିଗ୍ ଏକ ଅସ୍ଥାୟୀ ନିୟୋଜନ । ଚୁକ୍ତିବଦ୍ଧତା ନ ଥାଏ, କରିବା ନ କରିବାର ସାମାନ୍ୟ ସ୍ୱାଧୀନତା ଟିକକ ଥାଏ । ଦାୟବଦ୍ଧତାର ଶୃଙ୍ଖଳ ସିନା ନ ଥାଏ, ଦାୟିତ୍ୱ ପାଳନର ଶୃଙ୍ଖଳାବୋଧକୁ ତ ଓହ୍ଲାଇ ରଖି ଦେଇ ହୁଏନାହିଁ । କାର୍ଯ୍ୟଟା ଭାରୀ ଲାଗେ, କାରଣ ନିୟୋଜନର କ୍ଷଣିକତା ମନକୁ ବିଷାଦରେ ଆଚ୍ଛନ୍ନ କରି ରଖିଥାଏ । ନିରାପତାହୀନତା ଓ ଭବିଷ୍ୟତର ଆଶଙ୍କା ସବୁବେଳେ ଉପଦ୍ରୁତ ଭାବନାକୁ ଅସଂଲଗ୍ନ ଆଉ ଉଚ୍ଛନ୍ନ କରୁଥାଏ । ଅର୍ଥ ପ୍ରାପ୍ତି ମଧ୍ୟ ଅବ୍ୟବସ୍ଥିତ, ବିନିର୍ଦ୍ଦିଷ୍ଟ । ଗିଗ୍ ଅର୍ଥନୀତିରେ, ସୃଜନୀ ଓ ବୈଷୟିକ ପରାମର୍ଶ ଭଳି କିଛି କାର୍ଯ୍ୟକୁ ଛାଡ଼ି ଦେଲେ, ତଳ ସ୍ତରରେ ମୁଖ୍ୟ ଅଂଶର କାର୍ଯ୍ୟ ହେଉଛି ଘର ଦୁଆରରେ ସେବାର ପରିବେଷଣ । ପରିବହନରେ ସଂଯୋଗ ଓ ସଚାଂରଭିତିକ ସେବା (ଓଲା, ଉବର), ଖାଦ୍ୟ ଓ ବ୍ୟବହାର୍ଯ୍ୟ ଅନ୍ୟ ସାମଗ୍ରୀଗୁଡ଼ିକର ଦୁଆର ମୁହଁରେ ଉପଲବ୍ଧତା ଏବଂ ଘରୋଇ ଉପକରଣଗୁଡ଼ିକର ମରାମତି ଓ ଘରର ପରିଚ୍ଛନ୍ନତା ପାଇଁ ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ କ୍ରେତା-ବିକ୍ରେତାଙ୍କ ମଧ୍ୟରେ ଦିଆନିଆର ବାଣିଜ୍ୟ ବର୍ତ୍ତମାନ ଏକ ବର୍ଦ୍ଧିଷ୍ଣୁ ଦୁନିଆ । ହୁଏତ ସେବା କ୍ଷେତ୍ରର ଏହି ଗିଗ୍ ବଜାର ନିକଟ ଭବିଷ୍ୟତରେ, ସାଧାରଣ ତଥା ନିୟମିତ ସେବା ଭିତ୍ତିକ ଅର୍ଥନୀତିକୁ ଗ୍ରାସ କରିବ । ସାହିତ୍ୟ ଓ ଦର୍ଶନରେ ଜୀବନର ମହିମାକୁ ବିବିଧ ଦୃଷ୍ଟିଭଙ୍ଗୀରେ ଉପସ୍ଥାପନ କରାଯାଏ । ଜୀବିକା ହୁଏତ ଥାଏ ତିଷ୍ଠି ରହିବାର ସାମାନ୍ୟ ଅବଲମ୍ବନଟିଏ । କିନ୍ତୁ ଶାସନ ପାଇଁ ବ୍ୟକ୍ତିର ଜୀବିକା ଅଗ୍ରାଧିକାରର ତାଲିକାରେ ପ୍ରମୁଖ ଭାବରେ ବିନ୍ୟସ୍ତ ନ ହେଲେ, ଯେ କୌଣସି ଭୂଖଣ୍ଡ ପାଇଁ ଆଦୌ ତାହା ହିତକର ହେବ ନାହିଁ । ଅଣ-ସଂଗଠିତ ଶ୍ରମ ଓ ବିଶେଷତଃ, ସଂଯୋଗଭିତିକ ସେବା ସଂଚାଳନ କ୍ଷେତ୍ରରେ ପାରିଶ୍ରମିକର ଅନିଶ୍ଚିତତା ତଥା ଆନୁପାତିକତାକୁ ନେଇ ଆଶଙ୍କା ଡିଜିଟାଲ ସୈନିକମାନଙ୍କ ଜୀବନକୁ ଦୁର୍ଦ୍ଦଶାଗ୍ରସ୍ତ କରିଛି । ଏହି ଯୋଦ୍ଧାମାନଙ୍କର କାର୍ଯ୍ୟ ସଦା ନିରୀକ୍ଷଣଭୁକ୍ତ । ପୋର୍ଟାଲ ତା'ର କାମ କରିଚାଲିଛି । ଗ୍ରାହକ ଆପ୍ ମାଧ୍ୟମରେ ବିଚାରା ଗିଗ୍ କାର୍ଯ୍ୟକର୍ତାଟିକୁ ସଂପୂର୍ଣ୍ଣ ରୂପେ ପର୍ଯ୍ୟବେକ୍ଷଣ କରୁଛି । କେତେ ସମୟ ବ୍ୟବଧାନରେ ଲକ୍ଷ୍ୟ ସ୍ଥଳୀରେ ପହଂଚିବାଠାରୁ ଆରମ୍ଭ କରି, ତା'ର ଯାତ୍ରାର ଅନୁଧାବନ ସଂଚରର ଜଟିଳ କ୍ଷେତ୍ରରେ ସୁଗମ ଭାବରେ କରାଯାଇ ପାରୁଛି । ମୋଟର ସାଇକେଲ ଯାତ୍ରୀ ଗିଗ୍ କାର୍ଯ୍ୟକର୍ତା ଜଣକ ଖରା ବର୍ଷାକୁ ଦେହସୁହା କରେଇ ଉପଭୋକ୍ତାଙ୍କ ନିକଟରେ ସେବା ପ୍ରତ୍ୟକ୍ଷ ଭାବରେ ଉପଲବ୍ଧ କରାଉଛି । ଗ୍ରାହକଙ୍କ ପାଇଁ ଲଭ୍ୟତାକୁ ସହଜ କରେଇ ନିଶ୍ଚେ ସେମାନଙ୍କ ମନରେ ଆନନ୍ଦ ଆଙ୍କୁଛି, କିନ୍ତୁ କ୍ଳେଶ ଓ କ୍ଳାନ୍ତିର ବୋଝରେ ନିଜର ଘରବାହୁଡ଼ା ସ୍ୱାଦହୀନ ରୁଟିନରେ ପରିଣତ ହେଉଛି । ବେକାରିର ତାଡ଼ନାରୁ ବଚଂିବା ପାଇଁ କର୍ମସଂସ୍ଥାନର ପ୍ରକୃତି ଓ ପ୍ରକାର ସଂଯୋଗର ଶ୍ରମ (ନେଟ୍‌ୱର୍କିଂ ଲେବର୍) ପାଇଁ ରୋଧକ ହୋଇ ନ ରହିବା ସ୍ୱାଭାବିକ । ବାଧ୍ୟବାଧକତା ଇଚ୍ଛାକୁ କାବୁ କରେ ।ନ୍ୟାୟଭିତ୍ତିକ ପ୍ରଗତି ହିଁ ମଣିଷ ସମାଜ ପାଇଁ ସୁନ୍ଦର ପୃଥିବୀଟିଏ ଦେଇପାରେ । ଏହି ଅବଧାରଣାରେ ବିଶ୍ୱାସୀ ଅର୍ଥନୀତିଜ୍ଞ ଓ ସମାଜଶାସ୍ତ୍ରୀମାନେ ଶ୍ରମ ଶକ୍ତିର ଅଣ-ସଂଗଠିତ ତଥା ଅନୁପଯୋଗୀ ବିନିଯୋଗକୁ ନିଅଚଂିଆ ଅନ୍ତର୍ଭୁକ୍ତୀକରଣ (ଡେଫିସିଏଂଟ ଇନକ୍ଲୁଜନ) ବୋଲି କହୁଛନ୍ତି । ଭବିଷ୍ୟତକାମୀ ସମାଜ ପାଇଁ ଏହା ମାରାତ୍ମକ । ଅର୍ଥନୀତିଜ୍ଞ ଏଡମଣ୍ଡ ଫେଲପ୍‌ସଙ୍କ ବହି 'ରିୱାର୍ଡ଼ି ୱାର୍କ'ରେ ଏହାର ଚେତନା ଉଦ୍ଦୀପକ ଆଲୋଚନା ରହିଛି । କର୍ମସଂସ୍ଥାନ ଓ ସେଥିରୁ ଆୟ ପରସ୍ପରଠାରୁ ଅଲଗା ନୁହନ୍ତି । ସେଥିପାଇଁ ଯେ କୌଣସି ଗୋଟିଏ ନିୟୋଜନ ଦ୍ୱାରା ଉଭୟ ବ୍ୟକ୍ତି ଓ ସାମାଜିକ ଜୀବନ ସୁନ୍ଦର ହେବ- ଏହା କୁହାଯାଇ ପାରିବ ନାହିଁ । ସେଥିପାଇଁ ନିଯୁକ୍ତି, ପାରିଶ୍ରମିକ ଓ ବୃତିର ମର୍ଯ୍ୟାଦା ତଥା ସ୍ୱୀକୃତିକୁ ସମାନ୍ତରାଳ ରେଖାରେ ରଖିବାକୁ ହେବ । ଅନ୍ୟଥା ଏହା ଅର୍ଥନୈତିକ ଅବଲମ୍ବନ ସୃଷ୍ଟି କରିବା ସ୍ଥାନରେ ଆତ୍ମସମ୍ମାନ, ପ୍ରତ୍ୟୟ ଓ ନବସୃଜନକୁ ହତ୍ୟା କରିବ । ଅର୍ଥଶାସ୍ତ୍ରୀମାନେ ଏହାକୁ 'ନାଁକୁ କେବଳ ଅନ୍ତର୍ଭୁକ୍ତୀକରଣ' ବା ତା'ର ଏକ ଶୀର୍ଣ୍ଣ ପ୍ରତିରୂପ (ରିଡକ୍‌ସନିଷ୍ଟ ଇନକ୍ଲୁଜନ) ବୋଲି କହୁଛନ୍ତି । ଘରକୁ ଘର ବେପାରର ପଣ୍ୟ ଧରି ଘୂରି ବୁଲୁଥିବା ଭ୍ରାମ୍ୟମାଣ ଖୁଚୁରା ବିକ୍ରେତାମାନଙ୍କର ଛାଇ ଏବେ ସଂପୂର୍ଣ୍ଣ ଅଦୃଶ୍ୟ ନ ହେଲେ ମଧ୍ୟ ଅପସୃୟମାନ । ସମୟ ଥିଲା, ବୁଲା ବିକାଳି ଓ ଗ୍ରାହକଙ୍କ ମଧ୍ୟରେ ସଂପର୍କର ସରୁ ସୂତାଟିଏ ଆପେ ଗଣ୍ଠି ପଡ଼ିଯାଉଥିଲା । କାନ୍ତକବିଙ୍କ ସାହିତ୍ୟରେ କାଳଜୟୀ 'ବୁଢ଼ା ଶଙ୍ଖାରି'ର ଚରିତ୍ରମାନେ ଫୁଟି ଉଠୁଥିଲେ । ଡିଜିଟାଲ ସୈନିକମାନଙ୍କ ସହିତ ସେକଥା ହେବାର ସମ୍ଭାବନା ନାହିଁ । କାରଣ ଥର ଥରକୁ ପଣ୍ୟବାହୀ ଅଲଗା ଅଲଗା । ସାଧାରଣରେ ବ୍ୟବହୃତ ଦୁଇଚକିଆ ଯାନ ମଧ୍ୟ ଭିନ୍ନ ଭିନ୍ନ ।ଚଳିତ ଶତାବ୍ଦୀରେ ମେ ମାସ କହିଲେ, ପ୍ରକୃତରେ ରୁଦ୍ରଙ୍କ ରୌଦ୍ର ଜଳୁଥିବା ଗୋଟିଏ ମଧ୍ୟାହ୍ନରେ ମୁଖରୋଚକ ଶାକାହାର ପାଇଁ ଜଣାଶୁଣା ରେସ୍ତୋରାଁରୁ ପ୍ୟାକ୍‌ଟିଏ ମଗାଇଲି । ଜମାଟୋ ଆପ୍ ମଧ୍ୟବିତର ବିଚରଣ ଭୂଇଁ । ମୋ ଆକାଂକ୍ଷାର ଫୁଟୁଳାଟି ଧରି ବାଇକ୍‌ରେ ଆରୋହୀ ରମେଶ ବେହେରା । ପୁଣି କିଏ ସରୋଜ ସାମଲ ମଧ୍ୟ ହୋଇପାରନ୍ତି । ସେମାନଙ୍କ ଶରୀରରେ ଯେମିତି ଚିପ୍ ସବୁ ଥାଏ । ୨୦, ୧୦, ୫, ପୁଣି ମାତ୍ର ୨ ମିନିଟ ଓ ଶେଷରେ ଆସି ଘର ସାମନାରେ । ପସରାଟି ହାତ ପ୍ରସାରି ସଂଗ୍ରହ କରିବା ପରେ ଦୁଇଟି ଚକ୍ଷୁ ଯୁଗଳର ମିଳନରୁ ତଡ଼ିତ୍ ବେଗରେ ଶବ୍ଦ କିଛି ସଂଚରି ଗଲା । ଗୋଟିଏ ଯୋଡ଼ାରେ ତୃପ୍ତି ଅନ୍ୟଟିରେ ତୃଷ୍ଣା । ଡିଜିଟାଲ ପେମେଂଟରେ ଆମେ କର୍ତବ୍ୟ ନିଭେଇବାର ସନ୍ତୋଷ ଲାଭ କରୁ, କିନ୍ତୁ ଡିଜିଟାଲ ସେନାନୀଙ୍କ ଆତ୍ମାକୁ ପଢ଼ିବାର ଅବକାଶ ଖୋଜୁନା । ଚକୋଲେଟ୍ ଫ୍ଲେଭରର ଭାନିଲା ଆଇସକ୍ରିମ ପ୍ୟାକ୍‌ଟିଏ ଡହଡହ ଖରାରେ ଦୁଆର ମୁହଁରେ ପାଇଗଲେ, ଆମେ ଆପ୍‌ର ଉପଯୋଗିତା ନେଇ ଶତମୁଖ ହେଉ । ଡିଜିଟାଲ ପ୍ଲାଟଫର୍ମର ସୈନିକ ମାନସପଟକୁ ଆସକ୍ତ ନାହିଁ ।ଷଷ୍ଠ ଦଶକର ଆମେରିକୀୟ ଉପରାଷ୍ଟ୍ରପତି ହବର୍ଟ ହମ୍ଫ୍ରେଙ୍କ ପ୍ରାସଙ୍ଗିକ ଉକ୍ତିଟିଏ ଅଛି । ନିଜର ସବୁଠାରୁ ଦୁର୍ବଳ ଓ ବିପଦସଂକୁଳ ବର୍ଗ ପ୍ରତି ଗୋଟିଏ ସମାଜ କିଭଳି ଆଚରଣ କରେ, ତାହା ହିଁ ତା' ପାଇଁ ପରୀକ୍ଷାର ମାନକ । ବର୍ଦ୍ଧିଷ୍ଣୁ ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ନୂଆ ନୂଆ ଭୂମିକାର ଆବଶ୍ୟକତା ସହିତ ଅନ୍ତର୍ନିହିତ ଗରିମା ମଧ୍ୟ ଅଛି । କିନ୍ତୁ ଏହି ଅସ୍ଥାୟୀ, ଅସଂଗଠିତ ଶ୍ରମର ପରିମଣ୍ଡଳକୁ ନିୟନ୍ତ୍ରିତ ସଚାଂଳନ ଓ ସେହି ବର୍ଗର ସାମାଜିକ କଲ୍ୟାଣ ତଥା ନିରାପତ୍ତା ପାଇଁ ସରକାରୀ ଉଦ୍ ?ଯୋଗର ପ୍ରାଥମିକତାକୁ ହେୟ କରିହେବ ନାହିଁ । ଆମ ଘର ଅଗଣାରେ, ବାଥ୍‌ରୁମରେ ଅସରପା ଆମ ପାଇଁ ମୁଣ୍ଡବ୍ୟଥାର କୀଟଟିଏ । ବ୍ୟବସ୍ଥାର ଖାତା ଖତିୟାରରୁ ବାଦ୍ ପଡ଼ିଥିବା ଅସଂଖ୍ୟ ମଣିଷ କାଫ୍‌କାଙ୍କ ଉପନ୍ୟାସିକା 'ଦି ମେଟାମର୍ଫୋସିସ୍'ର ନାୟକ ଗ୍ରେଗୋର ସାମ୍‌ସା ଭଳି ଅସରପାକୁ ରୂପାନ୍ତରିତ ହୋଇପାରନ୍ତି । ଏହି ରୂପାନ୍ତରଣ ହେଉଛି ଉପାନ୍ତୀକରଣର ପ୍ରତିରୂପ । ବ୍ୟବସ୍ଥା, ଘରୋଇ ସାହାଯ୍ୟକାରୀଙ୍କଠାରୁ ଆରମ୍ଭ କରି ପରିବହନକାରୀ ଗିଗ୍ ୱାର୍କର ପର୍ଯ୍ୟନ୍ତ ଏକ ବୃହତ୍ ଅର୍ଥନୈତିକ ଖଣ୍ଡ ତଥା ଅସଂଗଠିତ ଶ୍ରମକୁ ନିଜର ପରିଧିରୁ ଯଦି କକ୍ଷଚ୍ୟୁତ କରି ରଖେ, ରୂପାନ୍ତରିତ ଅସରପାମାନେ ତଥାପି ରହିବେ । କାରଣ ଜୀବବିଜ୍ଞାନର ପାଠରେ ଖାପ ଖୁଆଇ ନେବା ହେଉଛି ଏହି କୀଟର ପ୍ରକୃତିଗତ କୌଶଳ । କିନ୍ତୁ ଦିନେ ସେହି ମୁଦ୍ରାରେ ଫେରସ୍ତ ପାଇବାର ଦଶା (ରିଭର୍ସାଲିଜ୍‌ମ) ଭୋଗିବାକୁ ପଡ଼ିପାରେ । ଏହା ପ୍ରକୃତିର ନିୟମ । କକ୍ରୋଚ୍ ଜନତା ପାର୍ଟି ଥାଉ କି ନ ଥାଉ ।

ସ୍ୱାସ୍ଥ୍ୟ ଗବେଷଣାରେ ଡିଜିଟାଲ ପରିବର୍ତ୍ତନ

ଭାରତ ଯେତେବେଳେ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ଆଡ଼କୁ ଅଗ୍ରସର ହେଉଛି, ସେତେବେଳେ ଆମ ସମ୍ମୁଖରେ ପ୍ରଶ୍ନ କେବଳ ଏହା ନୁହେଁ ଯେ ଆମେ ରୋଗର ଚିକିତ୍ସା କିପରି କରୁଛୁ, ବରଂ ପ୍ରଶ୍ନ ହେଉଛି ଆମେ ଏଭଳି ଏକ ସ୍ୱାସ୍ଥ୍ୟ ବ୍ୟବସ୍ଥା କିପରି ଗଢ଼ିବା ଯାହା ପୂର୍ବାନୁମାନ ଭିତ୍ତିକ, ସମାନତାପୂର୍ଣ୍ଣ ଏବଂ ନୂତନ ଉଦ୍ଭାବନ ଦ୍ୱାରା ପରିଚାଳିତ ହେବ । ଏହି ରୂପାନ୍ତରଣର କେନ୍ଦ୍ରବିନ୍ଦୁରେ ରହିଛି ସ୍ୱାସ୍ଥ୍ୟ ଗବେଷଣା ପ୍ରତି ଏକ ନୂତନ ଓ ପୁନର୍ବିଚାରିତ ଦୃଷ୍ଟିକୋଣ, ଯାହା ତଥ୍ୟକୁ ନିଷ୍ପତି ସହିତ ଏବଂ ନିଷ୍ପତ୍ତିକୁ ପ୍ରଭାବଶାଳୀ ପରିଣାମ ସହିତ ଯୋଡ଼ିଥାଏ । କୋଭିଡ-୧୯ ମହାମାରୀରୁ ମିଳିଥିବା କଠିନ ଶିକ୍ଷାକୁ ଆଧାର କରି, ବାୟୋମେଡିକାଲ୍ ଗବେଷଣା କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସଂସ୍ଥା - ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇ.ସି.ଏମ.ଆର.) ଅନେକ ଦୂରଦୃଷ୍ଟିସମ୍ପନ୍ନ ସଂସ୍କାର ହାତକୁ ନେଇଛି । ଏହି ସଂସ୍କାରଗୁଡ଼ିକ ଏହାର ସାଂଗଠନିକ ବ୍ୟବସ୍ଥାକୁ ନୂଆ ରୂପ ଦେବାଠାରୁ ଆରମ୍ଭ କରି ଗବେଷଣା ପାଇଁ ପାଣ୍ଠି ଯୋଗାଣ ଏବଂ ତାହାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ପ୍ରଣାଳୀକୁ ସୁଦୃଢ଼ କରିବା ଯାଏ ପରିବ୍ୟାପ୍ତ । ଦିନେ ଯେଉଁ ବ୍ୟବସ୍ଥା କେବଳ ବିକ୍ଷିପ୍ତ ଓ ଅନ୍ୱେଷଣ କୈନ୍ଦ୍ରିକ ଅନୁସନ୍ଧାନ ମଧ୍ୟରେ ସୀମିତ ଥିଲା, ତାହା ଆଜି ଏକ ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ଲକ୍ଷ୍ୟଭିତ୍ତିକ ପରିବେଶରେ ରୂପାନ୍ତରିତ ହେଉଛି । ଏହି ପରିବର୍ତ୍ତନ କେବଳ ପ୍ରଶାସନିକ ନୁହେଁ, ବରଂ ବୈଚାରିକ ଅଟେ । ଏହା ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ଏବଂ ସଂସ୍ଥା-ପରିଚାଳିତ ଗବେଷଣା ଦିଗରେ ଏକ ସଚେତନ ପଦକ୍ଷେପକୁ ଦର୍ଶାଏ, ଯେଉଁଠାରେ ବିଜ୍ଞାନକୁ କେବଳ ଜ୍ଞାନ ଆହରଣ ପାଇଁ ନୁହେଁ, ବରଂ ଜନସ୍ୱାସ୍ଥ୍ୟର ଜଟିଳ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ବ୍ୟବହାର କରାଯାଉଛି । ଏହି ରୂପାନ୍ତରଣର ଏକ ମୁଖ୍ୟ ସ୍ତମ୍ଭ ହେଉଛି ଆଇସିଏମ୍‌ଆରର ସାଂଗଠନିକ ପୁନର୍ବିନ୍ୟାସ । ସାମ୍ପ୍ରତିକ ସଂସ୍କାରଗୁଡ଼ିକ ଏହାର ଅନେକ ପ୍ରତିଷ୍ଠାନରେ କାର୍ଯ୍ୟ ପରିସରକୁ ବୃଦ୍ଧି କରିଛି, ଯାହା ସେମାନଙ୍କୁ ଭିନ୍ନ ଭିନ୍ନ ବିଷୟର ଏକ ସମନ୍ୱିତ କେନ୍ଦ୍ର ଭାବରେ ଗଢ଼ି ତୋଳିଛି । ଡିଜିଟାଲ ସ୍ୱାସ୍ଥ୍ୟ ଏବଂ ଡାଟା ସାଇନ୍ସ,, ଶିଶୁ ସ୍ୱାସ୍ଥ୍ୟ, ମହିଳା ସ୍ୱାସ୍ଥ୍ୟ, ରକ୍ତ ଏବଂ ପ୍ରତିରୋଧକ ଶକ୍ତିଜନିତ ସମସ୍ୟା ଭଳି କ୍ଷେତ୍ର ପ୍ରତି ଏହି ପ୍ରତିଷ୍ଠାନର ଆଭିମୁଖ୍ୟ, ଭାରତର ପରିବର୍ତ୍ତିତ ରୋଗର ଭାର ଏବଂ ବୈଷୟିକ ସାମର୍ଥ୍ୟକୁ ପ୍ରତିଫଳିତ କରୁଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଦେଶବ୍ୟାପୀ - ଉତ୍ତର-ପୂର୍ବର ଡିବ୍ରୁଗଡ଼ଠାରୁ ଆରମ୍ଭ କରି ପଶ୍ଚିମର ଯୋଧପୁର ପର୍ଯ୍ୟନ୍ତ - ଆଂଚଳିକ ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ଏକ ନେଟୱର୍କ ସୃଷ୍ଟି କରିବା । ଏହି ପ୍ରତିଷ୍ଠାନଗୁଡ଼ିକ ରାଜ୍ୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ମିଶି କାର୍ଯ୍ୟକ୍ଷମ ଗବେଷଣା କରିବେ, ଯେପରି ପ୍ରାସଙ୍ଗିକ ବିଷୟ ଉପରେ ଗବେଷଣା କରାଯାଇପାରିବ ଏବଂ ତା'ର ସୁଫଳ ବାସ୍ତବ କ୍ଷେତ୍ରରେ ଲୋକଙ୍କ କାମରେ ଆସିପାରିବ । ଏଗୁଡ଼ିକ କେବଳ ନାମକୁ ମାତ୍ର ପରିବର୍ତନ ନୁହେଁ, ବରଂ ଏହା ଭବିଷ୍ୟତର ବିଜ୍ଞାନ ଆଡ଼କୁ ଏକ ରଣନୀତିକ ଆଭିମୁଖ୍ୟକୁ ସୂଚାଉଛି, ଯେଉଁଠାରେ କୃତ୍ରିମ ବୁଦ୍ଧିମତା (ଏ.ଆଇ.), ଜେନୋମିକ୍ସ ଏବଂ ରିଅଲ-ଟାଇମ୍ ଡାଟା ସିଷ୍ଟମ୍ ଜନସ୍ୱାସ୍ଥ୍ୟ ସମ୍ପର୍କିତ ନିଷ୍ପତି ନେବାରେ ଅବିଚ୍ଛେଦ୍ୟ ଅଙ୍ଗ ସାଜିବ । ପୃଥକ ଭାବରେ କାର୍ଯ୍ୟ କରିବା ପରିବର୍ତ୍ତେ ଏକ ସମନ୍ୱିତ ଜାତୀୟ ଗବେଷଣା ପରିବେଶ ଆଡ଼କୁ ଅଗ୍ରସର ହେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ପ୍ରତିଷ୍ଠାନଗୁଡ଼ିକୁ ଏବେ ସମ୍ବଳ କେନ୍ଦ୍ର ଭାବରେ ପରିକଳ୍ପନା କରାଯାଉଛି, ଯାହା ଏକ ସାଧାରଣ ଜାତୀୟ ମିଶନରେ ଯୋଗଦାନ ଦେବେ ଏବଂ ଏହା ସୁନିଶ୍ଚିତ କରିବେ ଯେ ଗୋଟିଏ ସ୍ଥାନରୁ ପ୍ରାପ୍ତ ପ୍ରମାଣ ସାରା ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସାହାଯ୍ୟ କରିବ । ଏହି ବ୍ୟବସ୍ଥା-ସ୍ତରୀୟ ଚିନ୍ତାଧାରା ଏଭଳି ଏକ ଯୁଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେଉଁଠାରେ ସ୍ୱାସ୍ଥ୍ୟଗତ ଆହ୍ୱାନଗୁଡ଼ିକ ତାହା ଆଂଟିମାଇକ୍ରୋବାୟାଲ୍ ପ୍ରତିରୋଧ (ରେଜିଷ୍ଟାନ୍ସ) ହେଉ, ମହାମାରୀ ହେଉ କିମ୍ବା ଅଣ-ସଂକ୍ରାମକ ରୋଗ ହେଉ ଜଟିଳ ଏବଂ ପରସ୍ପର ସହିତ ଜଡ଼ିତ । ସାଂସ୍ଥାଗତ ସଂସ୍କାର ସହିତ ସମାନ୍ତରାଳ ଭାବେ ଗବେଷଣା ପାଇଁ ପାଣ୍ଠି ଯୋଗାଣ ବ୍ୟବସ୍ଥାର ମଧ୍ୟ ଏକ ମୌଳିକ ପୁନର୍ବିନ୍ୟାସ କରାଯାଉଛି । ପାଣ୍ଠି ଯୋଗାଣ ପ୍ରକ୍ରିୟା ଦୃଷ୍ଟିରୁ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଗବେଷଣା ମଧ୍ୟରେ ଥିବା ପାର୍ଥକ୍ୟ ଏବେ ଅଧିକ ସ୍ପଷ୍ଟ ହୋଇଛି । କିନ୍ତୁ ଏଥି ସହିତ, ଏକ ଅଧିକ ସଂଗଠିତ ଏବଂ ପରିଣାମ-ଆଧାରିତ ଢାଁ । ମାଧ୍ୟମରେ ସେମାନଙ୍କୁ ପରସ୍ପର ସହ ଯୋଡ଼ା ଯାଉଛି । ଆଭ୍ୟନ୍ତରୀଣ ଗବେଷଣା ଏବେ ମୁଖ୍ୟତଃ ସଂସ୍ଥା-ଦ୍ୱାରା ଆରମ୍ଭ କରାଯାଉଛି, ଯାହା ସ୍ପଷ୍ଟ ଭାବରେ ନିର୍ଦ୍ଧାରିତ କାର୍ଯ୍ୟାଦେଶ ସହିତ ସମନ୍ୱିତ ଏବଂ ଫଳାଫଳକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗଠିତ । ଅନ୍ୟପଟେ, ବାହ୍ୟ ଗବେଷଣାକୁ ୪ଟି ସ୍ତରର ଏକ ନୂତନତ୍ୱ ଚକ୍ରରେ ପୁନର୍ଗଠିତ କରାଯାଇଛି । ସେଗୁଡ଼ିକ ହେଲା : ବର୍ଣ୍ଣନା (ଡେସ୍କ୍ରିପସନ), ଆବିଷ୍କାର (ଡିସ୍କଭରୀ), ବିକାଶ (ଡେଭେଲପମେଂଟ) ଏବଂ ସେବା ପ୍ରଦାନ (ଡେଲିଭରି) । ପ୍ରତିଶ୍ରୁତିପୂର୍ଣ୍ଣ ଚିନ୍ତାଧାରାଗୁଡ଼ିକୁ ବ୍ୟବସ୍ଥିତ ଭାବରେ କିପରି ବ୍ୟାପକ ସମାଧାନରେ ପରିଣତ କରାଯାଇପାରିବ, ଏହା ଏହି ୪ଟି ଚକ୍ର ସୁନିଶ୍ଚିତ କରନ୍ତି । ଲାବୋରେଟୋରୀ ଆବିଷ୍କାରଠାରୁ ଆରମ୍ଭ କରି ଜନସଂଖ୍ୟା-ସ୍ତରରେ ସେବା ପ୍ରଦାନ ପର୍ଯ୍ୟନ୍ତ ଏହି ସମନ୍ୱିତ ନିରନ୍ତରତା, କେବଳ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପରିବର୍ତ୍ତେ ସମାଧାନକୁ ସକ୍ଷମ କରିବା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନକୁ ସୂଚାଉଛି । ଏହାକୁ ଜାତୀୟ ସ୍ୱାସ୍ଥ୍ୟ ଗବେଷଣା କାର୍ଯ୍ୟକ୍ରମ (ଏନ.ଏଚ.ଆର.ପି.) ଦ୍ୱାରା ଅଧିକ ମଜବୁତ କରାଯାଇଛି, ଯାହା ଆଂଟିମାଇକ୍ରୋବିୟାଲ୍ ପ୍ରତିରୋଧ ଏବଂ ଯକ୍ଷ୍ମାଠାରୁ ଆରମ୍ଭ କରି ମାନସିକ ସ୍ୱାସ୍ଥ୍ୟ, ପୋଷଣ ଏବଂ ଜରୁରୀକାଳୀନ ସେବା ପର୍ଯ୍ୟନ୍ତ ତେରଗୋଟି ପ୍ରାଥମିକତା କ୍ଷେତ୍ରକୁ ଚିହ୍ନଟ କରିଛି । ଏହି ମିଶନ-ମୋଡ୍ କାର୍ଯ୍ୟକ୍ରମଗୁଡ଼ିକୁ ବହୁ-ସାଂସ୍ଥାନିକ ସହଯୋଗ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହାକୁ ବୃହତ୍ ପୁଞ୍ଜିନିବେଶ ଏବଂ ମାପଯୋଗ୍ୟ ପରିଣାମକୁ ସ୍ପଷ୍ଟ ଧ୍ୟାନ ଦେଇ ସହାୟତା ପ୍ରଦାନ କରାଯାଉଛି । ପ୍ରଯୁକ୍ତିବିଦ୍ୟା ମଧ୍ୟ ଏକ ରୂପାନ୍ତରଣକାରୀ ଭୂମିକା ଗ୍ରହଣ କରୁଛି । ନିଦାନ, ସର୍ଭେଲାନ୍ସ (ନଜର ରଖିବା) ଏବଂ କାର୍ଯ୍ୟକ୍ରମର ରୂପାୟନରେ ଆଇର ସମନ୍ୱୟ ସହରୀ ଏବଂ ଗ୍ରାମାଂଚଳର ସ୍ୱାସ୍ଥ୍ୟସେବା ମଧ୍ୟରେ ଥିବା ବହୁ ଦିନର ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରୁଛି । ଯକ୍ଷ୍ମା ଏବଂ ଡାଇବେଟିକ୍ ରେଟିନୋପାଥି ସ୍କ୍ରିନିଂ ପାଇଁ ଏ.ଆଇ. ସକ୍ଷମ ଉପକରଣଗୁଡ଼ିକ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ସହାୟତା କରୁଥିବା ବେଳେ ଏ.ଆଇ.-ଚାଳିତ ପୋଷଣ ସମୀକ୍ଷା ଭଳି ଅଭିନବ ପ୍ରୟାସଗୁଡ଼ିକ ବ୍ୟାପକ ସ୍ତରରେ କାର୍ଯ୍ୟକ୍ରମର ସେବା ପ୍ରଦାନକୁ ସୁଧାରୁଛନ୍ତି । ଆଇ-ଡ୍ରୋନ୍ ପ୍ରୟାସ, ଯାହା ଟୀକ ବିତରଣରୁ ଆରମ୍ଭ ହୋଇଥିଲା ଏବଂ ଏବେ କର୍ଣ୍ଣିଆ (ଚକ୍ଷୁପଟଳ) ଭଳି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସାମଗ୍ରୀର ପରିବହନ ପାଇଁ ବ୍ୟବହାର କରାଯାଉଛି । ଏହା ଦର୍ଶାଉଛି ଯେ କିପରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଭୌଗଳିକ ପ୍ରତିବନ୍ଧକକୁ ଦୂର କରି ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଚାଂଇ ପାରିବ । ବିଜ୍ଞାନର ଅଗ୍ରଭାଗରେ, ଭେଷଜ ଯନ୍ତ୍ରାଂଶ ଏବଂ ନିଦାନଠାରୁ ଆରମ୍ଭ କରି ପରବର୍ତ୍ତୀ ପିଢ଼ିର ଟୀକା ଏବଂ ଚିକିତ୍ସା ପଦ୍ଧତି ପର୍ଯ୍ୟନ୍ତ ମେଡ୍‌ଟେକ୍ କ୍ଷେତ୍ରରେ ହେଉଥିବା ପ୍ରଗତି ଅଧିକ ଲକ୍ଷ୍ୟଭିତିକ ଏବଂ ରୋଗୀ-କୈନ୍ଦ୍ରିକ ହସ୍ତକ୍ଷେପକୁ ସକ୍ଷମ କରୁଛି । ଏହାର ସମାନ୍ତରାଳ ଭାବେ, ଅଭିନବ ଏବଂ ପ୍ରମାଣ-ଆଧାରିତ ମଡେଲଗୁଡ଼ିକ ମାଧ୍ୟମରେ ପାରମ୍ପରିକ ଜ୍ଞାନ ବ୍ୟବସ୍ଥା ସହ ସମନ୍ୱୟ ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରୁଛି । ଦେଶୀୟ ଆବିଷ୍କାର (ଇଣ୍ଡିଜେନସ୍ ଇନୋଭେସନ) ପ୍ରତି ଏକ ଦୃଢ଼ ପ୍ରୋତ୍ସାହନ ଦ୍ୱାରା ଏହି ପ୍ରଚେଷ୍ଟାଗୁଡ଼ିକୁ ଅଧିକ ବଳ ମିଳୁଛି । 'ଫାଷ୍ଟ ଇନ୍ ଦି ୱାର୍ଲ୍ଡ ଚ୍ୟାଲେଞ୍ଜ' ଭଳି ଯୋଜନା ସହିତ 'ମେଡଟେକ୍‌ମିତ୍ର' ଏବଂ 'ମେଡିକାଲ ଇନୋଭେସନ୍ସ - ପେଟେଂଟ ମିତ୍ର' ଭଳି ପ୍ଲାଟଫର୍ମଗୁଡ଼ିକ ଗବେଷଣାରୁ ବ୍ୟବସାୟିକରଣ ପର୍ଯ୍ୟନ୍ତ ଯାତ୍ରାକୁ ତ୍ୱରାନ୍ୱିତ କରୁଛନ୍ତି, ଯାହା ସୁନିଶ୍ଚିତ କରେ ଯେ ସରକାରୀ ପାଣ୍ଠିରେ ଚାଲୁଥିବା ବିଜ୍ଞାନ ଲୋକମାନଙ୍କ ପାଇଁ ଶସ୍ତା ଏବଂ ସହଜଲଭ୍ୟ ପ୍ରଯୁକ୍ତିବିଦ୍ୟାରେ ରୂପାନ୍ତରିତ ହେବ । ତେବେ, ଏହି ସଂସ୍କାରଗୁଡ଼ିକର ପ୍ରକୃତ ମାପକାଠି ଜନସ୍ୱାସ୍ଥ୍ୟ ଉପରେ ସେମାନଙ୍କର ପ୍ରଭାବ ମଧ୍ୟରେ ନିହିତ ଅଛି । 'ଇଣ୍ଡିଆ ହାଇପରଟେନସନ କଣ୍ଟ୍ରୋଲ ଇନିସିଏଟିଭ୍' ଭଳି ପ୍ରୟାସଗୁଡ଼ିକ ଦର୍ଶାଇଛନ୍ତି ଯେ କିପରି ପ୍ରମାଣ-ଆଧାରିତ ରଣନୀତିଗୁଡ଼ିକ ବ୍ୟାପକ ସ୍ତରରେ ଦୀର୍ଘକାଳୀନ ରୋଗର ପରିଚାଳନାକୁ ବଦଳାଇ ପାରିବେ । ମୋବାଇଲ୍ ଷ୍ଟ୍ରୋକ୍ ୟୁନିଟ୍ ଏବଂ ରାପିଡ୍ କାର୍ଡିଆକ୍ ରେସପନ୍ସ ସିଷ୍ଟମ୍ ସମେତ ଜରୁରୀକାଳୀନ ସେବା କ୍ଷେତ୍ରରେ ମିଶନ-ମୋଡ୍ କାର୍ଯ୍ୟକ୍ରମଗୁଡ଼ିକ ଜୀବନ ପ୍ରତି ବିପଦ ଥିବା ସ୍ଥିତିରେ ସଫଳତାର ଏକ ନୂଆ ସଂଜ୍ଞା ସୃଷ୍ଟି କରୁଛନ୍ତି । ବର୍ଦ୍ଧିତ ରୋଗ ଚିହ୍ନଟ ନେଟୱର୍କ ଏବଂ ଦେଶୀୟ ପ୍ରଯୁକ୍ତିବିଦ୍ୟା କର୍କଟଠାରୁ ଆରମ୍ଭ କରି ସଂକ୍ରାମକ ରୋଗ ପର୍ଯ୍ୟନ୍ତ ବିଭିନ୍ନ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସାକୁ ସଦୃଢ଼ କରୁଛନ୍ତି । ଏହି ପ୍ରଚେଷ୍ଟାଗୁଡ଼ିକ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ସହିତ ସମ୍ପୂର୍ଣ୍ଣ ଅନୁକୂଳ, ଯାହା ପ୍ରତିଷେଧକ ଓ ପ୍ରୋତ୍ସାହନଧର୍ମୀ ସ୍ୱାସ୍ଥ୍ୟସେବା, ସର୍ବଜନୀନ ପହଚଂ ଏବଂ ସେବାର ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଥାଏ । ସେଗୁଡ଼ିକ ସମାନତା ପ୍ରତି ଏକ ବ୍ୟାପକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରନ୍ତି, ଯାହା ସୁନିଶ୍ଚିତ କରେ ଯେ ବୈଜ୍ଞାନିକ ପ୍ରଗତିର ସୁଫଳ ଭୌଗୋଳିକ କିମ୍ବା ସାମାଜିକ-ଆର୍ଥିକ ସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଚଂିବ । ଆମେ ଯେତେବେଳେ ଭବିଷ୍ୟତକୁ ଦେଖୁ, ଦୂରଦୃଷ୍ଟି ସ୍ପଷ୍ଟ ହୁଏ । ଆଇସିଏମ୍ ?ଆ ?ଏକ ପ୍ରେରକ ଭାବରେ କାର୍ଯ୍ୟ ଜାରି ରଖିବ, ଯାହା ଏକ ସହନଶୀଳ ଏବଂ ସକ୍ରିୟ ସ୍ୱାସ୍ଥ୍ୟ ପରିବେଶ ଗଠନ ପାଇଁ ଗବେଷକ, ଚିକିତ୍ସକ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ଜଗତକୁ ଏକତ୍ରିତ କରିବ । ୨୦୨୭ର ରୋଡମ୍ୟାପ୍ ଡିଜିଟାଲ୍ ସ୍ୱାସ୍ଥ୍ୟ, ବାୟୋ ମାନୁଫ୍ୟାକ୍ ?ଚରିଂ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଅଗ୍ରଗତି ଦ୍ୱାରା ନିର୍ଦ୍ଧାରିତ ହେବ, ଯେଉଁଥିରେ ଦକ୍ଷତା ବୃଦ୍ଧି ଏବଂ ବିଶ୍ୱସ୍ତରୀୟ ସହଯୋଗକୁ ଅଧିକ ଗୁରୁତ୍ୱ ଦିଆଯିବ । ଏହା ସ୍ୱୀକାର କରିବା ଆବଶ୍ୟକ ଯେ ସ୍ୱାସ୍ଥ୍ୟ ଗବେଷଣା ଏକ ସୀମିତ ବା ପୃଥକ୍ ? ପ୍ରୟାସ ନୁହେଁ, ଏହା ଏକ ସମ୍ମିଳିତ ଜାତୀୟ ଉଦ୍ୟମ । ଆଇସିଏମ୍ ?ଆ ?ମଧ୍ୟରେ ଚାଲିଥିବା ଏହି ରୂପାନ୍ତରଣ ହେଉଛି ସମସ୍ତ ଅଂଶୀଦାରଙ୍କୁ ଏହି ଯାତ୍ରାରେ ସାମିଲ କରିବା, ମିଳିତ ଭାବେ ସମାଧାନର ସୂତ୍ର ସୃଷ୍ଟି କରିବା ଏବଂ ବିଜ୍ଞାନ ଯେପରି ସବୁଠାରୁ ଅର୍ଥପୂର୍ଣ୍ଣ ଭାବରେ ସମାଜର ସେବା କରିବ ତାହାକୁ ସୁନିଶ୍ଚିତ କରିବା ପାଇଁ ଏକ ଆମନ୍ତ୍ରଣ । ଏକ ସଂସ୍କାରିତ ସ୍ୱାସ୍ଥ୍ୟ ଗବେଷଣା ବ୍ୟବସ୍ଥା ନିଜେ ଏକ ଶେଷ ଲକ୍ଷ୍ୟ ନୁହେଁବ୍ଵ ଏହା ହେଉଛି ସେହି ମୂଳଦୁଆ ଯାହା ଉପରେ ଏକ ସୁସ୍ଥ, ଅଧିକ ସମାନତାପୂର୍ଣ୍ଣ ଏବଂ ଅଧିକ ସହନଶୀଳ ଭାରତ ଗଠନ ହେବ । ଏପରି ଏକ ଭାରତ ଯେଉଁଠାରେ ପ୍ରତ୍ୟେକ ଆବିଷ୍କାର ସେବା ପ୍ରଦାନ ଆଡ଼କୁ ମୁହାଁଇବ ଏବଂ ପ୍ରତ୍ୟେକ ନୂତନତ୍ୱ ବାସ୍ତବ ପ୍ରଭାବରେ ରୂପାନ୍ତରିତ ହେବ । ବିଜ୍ଞାନର ଅଗ୍ରଭାଗରେ, ଭେଷଜ ଯନ୍ତ୍ରାଂଶ ଏବଂ ନିଦାନଠାରୁ ଆରମ୍ଭ କରି ପରବର୍ତ୍ତୀ ପିଢ଼ିର ଟୀକା ଏବଂ ଚିକିତ୍ସା ପଦ୍ଧତି ପର୍ଯ୍ୟନ୍ତ ମେଡ୍‌ଟେକ୍ କ୍ଷେତ୍ରରେ ହେଉଥିବା ପ୍ରଗତି ଅଧିକ ଲକ୍ଷ୍ୟଭିତିକ ଏବଂ ରୋଗୀ-କୈନ୍ଦ୍ରିକ ହସ୍ତକ୍ଷେପକୁ ସକ୍ଷମ କରୁଛି । ଏହାର ସମାନ୍ତରାଳ ଭାବେ, ଅଭିନବ ଏବଂ ପ୍ରମାଣ-ଆଧାରିତ ମଡେଲଗୁଡ଼ିକ ମାଧ୍ୟମରେ ପାରମ୍ପରିକ ଜ୍ଞାନ ବ୍ୟବସ୍ଥା ସହ ସମନ୍ୱୟ ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରୁଛି । ଦେଶୀୟ ଆବିଷ୍କାର (ଇଣ୍ଡିଜେନସ୍ ଇନୋଭେସନ) ପ୍ରତି ଏକ ଦୃଢ଼ ପ୍ରୋତ୍ସାହନ ଦ୍ୱାରା ଏହି ପ୍ରଚେଷ୍ଟାଗୁଡ଼ିକୁ ଅଧିକ ବଳ ମିଳୁଛି । 'ଫାଷ୍ଟ ଇନ୍ ଦି ୱାର୍ଲ୍ଡ ଚ୍ୟାଲେଞ୍ଜ' ଭଳି ଯୋଜନା ସହିତ 'ମେଡଟେକ୍‌ମିତ୍ର' ଏବଂ 'ମେଡିକାଲ ଇନୋଭେସନ୍ସ - ପେଟେଂଟ ମିତ୍ର' ଭଳି ପ୍ଲାଟଫର୍ମଗୁଡ଼ିକ ଗବେଷଣାରୁ ବ୍ୟବସାୟିକରଣ ପର୍ଯ୍ୟନ୍ତ ଯାତ୍ରାକୁ ତ୍ୱରାନ୍ୱିତ କରୁଛନ୍ତି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବଙ୍କ ଝାରସୁଗୁଡ଼ା ଜିଲ୍ଲା ଗସ୍ତ

ଝାରସୁଗୁଡ଼ା,୧୯/୬(ନି/ପ୍ର): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଆଜି ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ସେବା କେନ୍ଦ୍ରଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ଲଖନପୁର ଆଇସିଡିଏସ ପ୍ରକଳ୍ପ ଅଧୀନରେ ଥିବା ଜୟବୁଡ଼ିଆ ଏବଂ ବର୍ନାପ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡତିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗସ୍ତ ସମୟରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କ ମାତାମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। କେନ୍ଦ୍ରରେ ରନ୍ଧାଖାଦ୍ୟ, ସକାଳ ଜଳଖିଆ ଏବଂ ଟିଏଚଆର ବଂଟନ ସଠିକ୍ ଭାବେ ଓ ନିୟମିତ ମିଳୁଛି କି ନାହିଁ, ସେ ନେଇ ସେ ପଚାରି ବୁଝିଥିଲେ। ଏହା ସହିତ ସାମ୍ (- ଅତି ମାତ୍ରାରେ ଅପୁଷ୍ଟି ଜନିତ) ଏବଂ ମାମ୍ (- ମଧ୍ୟମ ଧରଣର ଅପୁଷ୍ଟି ଜନିତ) ଶିଶୁମାନଙ୍କର ମାତାମାନଙ୍କୁ ପୁଷ୍ଟିସାଧନ କେନ୍ଦ୍ର ର ପରାମର୍ଶ ଏବଂ ସେଠାରେ ମିଳୁଥିବା ମାଗଣା ଚିକିତ୍ସା ଓ ପୁଷ୍ଟିକର ସହାୟତା ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଛାଡ଼ିଥିବା କିଶୋରୀ ବାଳିକାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଦକ୍ଷତା ବିକାଶ ତାଲିମ ଏବଂ ନିଯୁକ୍ତି ସୁଯୋଗ ସହ ଯୋଡ଼ିବା ପାଇଁ ସେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଂଚପଡ଼ା ଟିଏଚଆର ୟୁନିଟ୍ ସମେତ ବ୍ରଜରାଜନଗର ମାଆ ମଙ୍ଗଳା ଟିଏଚଆର ୟୁନିଟ୍ ପରିଦର୍ଶନ କରି ସେଠାରେ ଖାଦ୍ୟ ସାମଗ୍ରୀର ପ୍ୟାକେଜିଂ ଏବଂ ଗଚ୍ଛିତ ପ୍ରକ୍ରିୟା ଯାଂଚ କରିବା ସହ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା, ସ୍ୱଚ୍ଛତା ଏବଂ ସିସିଟିଭି ନଜର ରଖିବାକୁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସଚିବ ଡ. ଦର୍ଶୱାଲ 'ସେହାଡ଼ା' ଦ୍ୱାରା ପରିଚାଳିତ ମହିଳା ଆଶ୍ରୟ ଗୃହ 'ଶକ୍ତି ସଦନ' ପରିଦର୍ଶନ କରିଥିଲେ। ସେଠାରେ ସେ ଆଶ୍ରୟ ନେଇଥିବା ପୀଡ଼ିତା ମହିଳାମାନଙ୍କ ସହ ସେମାନଙ୍କ ସୁଖ-ଦୁଃଖ ବିଷୟରେ ଆଲୋଚନା କରିଥିଲେ ଏବଂ ସଂସ୍ଥାର କର୍ମଚାରୀମାନଙ୍କ ସହ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ସେ 'ସେହାଡ଼ା'ର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀଙ୍କ ସହ ଆଲୋଚନା କରି କେଉଁ ପ୍ରକାରର ମହିଳାମାନେ ଏଠାକୁ ଆସୁଛନ୍ତି ଏବଂ ସେମାନଙ୍କର ପୁନର୍ବାସ ପାଇଁ କି ପ୍ରକାର ପଦକ୍ଷେପ ନିଆଯାଉଛି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ମହିଳାମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଧନ୍ଦାମୂଳକ ଦକ୍ଷତା ବିକାଶ ଶିକ୍ଷା, ଝୋଟ ବ୍ୟାଗ୍ ପ୍ରସ୍ତୁତି ୟୁନିଟ୍ ଏବଂ ଜୀବିକା ନିର୍ବାହର ସୁଯୋଗ ସମ୍ପର୍କିତ ଏକ ବିସ୍ତୃତ ଯୋଜନା ଉପସ୍ଥାପନ କରିବା ସହ କିଛି ସଫଳ ସାଧିକାମାନଙ୍କ କାହାଣୀ ଉଲ୍ଲେଖ କରିଥିଲେ।

ଗଙ୍ଗା ମନ୍ଦିର 'ମିର୍ଦ୍ଧା ସମାଜ'ର ଅନନ୍ୟ ପରମ୍ପରାର ନିଦର୍ଶନ: ପ୍ରସନ୍ନ ଆଚାର୍ଯ୍ୟ

ସମ୍ବଲପୁର,୧୯/୬(ନି/ପ୍ର): ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୁଯୋମୁରା ବ୍ଲକର ମେଘପାଳ ପଂଚାୟତ ଟାମ୍ପରସିଂହା ଠାରେ ଗଙ୍ଗା ମାତାଙ୍କ ନବ ନିର୍ମିତ ମନ୍ଦିରର ରନ୍ ମୁଦ ତଥା କୁମ୍ଭ ଭରନି ଉତ୍ସବ ବୁଧବାର ମହାସମାରୋହ ରେ ଅନୁଷ୍ଠିତ ହୋଇଛି ଓ ରେଢ଼ାଖୋଲ ବିଧାୟକ ତଥା ବିରୋଧି ଦଳ ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଏହି ରନ୍ ମୁଦ ତଥା କୁମ୍ଭ ଭରନି ଉତ୍ସବରେ ଯୋଗ ଦେବା ସହିତ ଗଙ୍ଗା ମନ୍ଦିର 'ମିର୍ଦ୍ଧା ସମାଜ'ର ଅନନ୍ୟ ପରମ୍ପରା ର ନିଦର୍ଶନ ଅଟେ ବୋଲି ପ୍ରକାଶ କରିଥିଲେ ଓ ଏହି ରନ୍ମୁଦ ଉତ୍ସବ ଅବସରରେ ବୁଧବାର ପ୍ରାତଃ ରେ ନିକଟ ନାଳରୁ ପୂର୍ଣ୍ଣଜଳ କୁମ୍ଭ କଳସ ଯାତ୍ରା ଏକ ଆଧାତ୍ମିକ ଓ ଭକ୍ତିମୟ ବାତା ବରଣରେ ଯଜ୍ଞ ମଣ୍ଡପରେ ଅବସ୍ଥାପିତ କରାଯାଇଥିଲା ଓ ପଣ୍ଡିତଙ୍କ ମନ୍ତ୍ର ପାଠ ହରିବୋଲ ହୁଳହୁଳି, ସଂକୀର୍ତ୍ତନରେ ମନ୍ଦିରର ରନ୍ ମୁଦ ସମାପନ ହୋଇଥିଲା । ଏହି ରନ୍ମୁଦ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଅଭି ମିର୍ଧା ଓ କୁଞ୍ଜ ମିର୍ଧା ଙ୍କ ସହ ଧର୍ମିଣୀ କାର୍ଯ୍ୟଭାର ତୁଲାଇଥିବା ବେଳେ ଏହି ଅବସରରେ ହୋମ ଯଜ୍ଞ, ଅନ୍ନ ଯଜ୍ଞ କରାଯାଇଥିଲା । ବରିଷ୍ଠ ବିଜେଡି ନେତା ଅନାଦି ସାହୁ, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ହୀରାଲାଲ ବେହେରା, ଯୁଯୋମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା ମେଘପାଳ ସରପଚଂ ଶ୍ରୀମତୀ ମମତା ପ୍ରଧାନ, ସମିତି ସଭ୍ୟା ଶ୍ରୀମତୀ ଲିଳିମା ଧୁରୁଆ, ଡ଼ଙ୍ଗରପଡା ପଂଚାୟତ ସରପଚଂ ଅୟସ କାନ୍ତ ବଡ଼ପଣ୍ଡା, ସମିତି ସଭ୍ୟ ପ୍ରକାଶ ପ୍ରଧାନ, ଘନ ଶ୍ୟାମ ସାହୁ, ଇସମାଇଲ ଆଜାଦ ବଢ଼େଇ, ପ୍ରତାପ ନାୟକ, ଶିବ ମହାକୁର, ପଦ୍ମଲୋଚନ ରାଉତ, ଦିପକ ସେଠ, ଅର୍ଣ୍ଣ ବେହେରା, ପ୍ରଦୀପ ମିର୍ଧା, ମାଖନ ମିର୍ଧା, ଜଗତେ ମିର୍ଧା, ଶ୍ରଦ୍ଧାକର ମିର୍ଧା, ନେତ୍ର ମିର୍ଧା, ଦିଲୀପ ମିର୍ଧା ଙ୍କ ସମେତ ଅଂଚଳର ଶହଶହ ଭକ୍ତ ଉତ୍ସବରେ ଯୋଗ ଦାନ କରିଥିଲେ । ପୁରୋହିତ ଶ୍ରୀ ଆଶୁତୋଷ ବଡ଼ପଣ୍ଡା ହୋମ ଯଜ୍ଞ, ମନ୍ତ୍ର ପାଠ କରିଥିଲେ ।

ଦୁଇ ବର୍ଷର ବିଜେପି ସରକାରର ବିକାଶ କେବଳ ପ୍ରଚାରରେ: ଇଂ. ରୋହିତ ପୂଜାରୀ

ସମ୍ବଲପୁର,୧୯/୬(ନି/ପ୍ର): ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଅନେକ ବଡ଼ ବଡ଼ ଘୋଷଣା କରାଯାଇଥିଲା। ମାତ୍ର ସରକାରକୁ ଆସିବାର ଦୁଇ ବର୍ଷ ପରେ ମଧ୍ୟ ସେହି ପ୍ରତିଶ୍ରୁତି ଗୁଡ଼ିକ କାଗଜପତ୍ର ଓ ଭାଷଣ ମଧ୍ୟରେ ସୀମିତ ରହିଯାଇଛି। ପଶ୍ଚିମ ଓଡ଼ିଶାର ଦୀର୍ଘ ଦିନର ଦାବି ହାଇକୋର୍ଟ ବେଂଚ ପ୍ରତିଷ୍ଠା ନେଇ ଆଜି ପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ ଅଗ୍ରଗତି ହୋଇନାହିଁ। ସେହିପରି ପଶ୍ଚିମ ଓଡ଼ିଶାରେ ଇଓଓଗଝ ପ୍ରତିଷ୍ଠା, ଡଡଉଡର ମୁଖ୍ୟ କାର୍ଯ୍ୟାଳୟକୁ ଭୁବନେଶ୍ୱରରୁ ସମ୍ବଲପୁରକୁ ସ୍ଥାନାନ୍ତର, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ନୀରବତା ଚିନ୍ତାଜନକ। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମଧ୍ୟ ବିଜେପି ସରକାର ଜନସାଧାରଣଙ୍କ ଆଶା ପୂରଣ କରିବାରେ ବିଫଳ ହୋଇଛନ୍ତି। ବିରୋଧୀ ଦଳରେ ଥିବା ସମୟରେ ମହାନଦୀ ପ୍ରସଙ୍ଗକୁ ନେଇ ବିଜେପି ବହୁତ ଆନ୍ଦୋଳନ ଓ ରାଜନୀତି କରିଥିଲା। କିନ୍ତୁ ଆଜି କେନ୍ଦ୍ର, ଓଡ଼ିଶା ଏବଂ ଛତିଶଗଡ଼ରେ ବିଜେପି ର ଟ୍ରିପଲ୍ ଇଞ୍ଜିନ ସରକାର ଥିବା ସତ୍ୱେ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦେଖିବାକୁ ମିଳୁନାହିଁ। ଏହା ପ୍ରମାଣ କରୁଛି ଯେ ମହାନଦୀ ପ୍ରସଙ୍ଗ ବିଜେପି ପାଇଁ କେବଳ ଏକ ନିର୍ବାଚନୀ ସ୍ଲୋଗାନ ଥିଲା, ଜନସ୍ୱାର୍ଥର ପ୍ରସଙ୍ଗ ନୁହେଁ।ପଶ୍ଚିମ ଓଡ଼ିଶା ବାସୀଙ୍କ ପରିଚୟ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଦେବା ପ୍ରସଙ୍ଗରେ ବିଗତ ବିଜେଡି ସରକାର୍ ସମୟରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ପରିତାପର ବିଷୟ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ନେଇ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅସ୍ମିତା ସହ ଜଡିତ ଏହି ଦୀର୍ଘଦିନର ଦାବି ପ୍ରତି ସରକାରଙ୍କ ଆଭିମୁଖ୍ୟ ନିରାଶାଜନକ।ପଶ୍ଚିମ ଓଡ଼ିଶା ରାଜ୍ୟର କୃଷି, ଶିଳ୍ପ, ଖଣିଜ ଓ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଅପରିମିତ ଅବଦାନ ରଖିଆସୁଛି। ତଥାପି ଏହି ଅଚଂଳର ଯୁବକମାନେ ଚାକିରି ଅଭାବରୁ ବାହାର ରାଜ୍ୟକୁ ପଳାୟନ କରିବାକୁ ବାଧ ହେଉଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ ଓ ଶିଳ୍ପାୟନ କ୍ଷେତ୍ରରେ ଆଶାନୁରୂପ ଉନ୍ନତି ଦେଖିବାକୁ ମିଳୁନାହିଁ।ମୁଖ୍ୟମନ୍ତ୍ରୀ ତାଙ୍କ ସାମ୍ବାଦିକ ସମ୍ମିଳନୀରେ ଧାନ ଦର ବୃଦ୍ଧି କରିବା ତାଙ୍କର ବଡ଼ ଉପଲବ୍ଧି ବୋଲି କହିଥିଲେ। ଚାଷୀ ଆତ୍ମହତ୍ୟା ହେଉ ନାହିଁ ବୋଲି କହିଥିବା ବେଳେ ଚାଷୀ ନିଜ ଧାନ ବିକିବା ପାଇଁ ଆନ୍ଦୋଳନକୁ ଓହ୍ଲାଉଥିବା, ଧାନ ବିକ୍ରିକରି ନ ପାରି ଇଚ୍ଛାମୃତ୍ୟୁ ପାଇଁ ଅନୁମତି ମାଗିବା କଥା ଭୁଲି ଯାଇଛନ୍ତି ଏହି ସରକାର। ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବା ପୂର୍ବରୁ ସରକାରଙ୍କୁ ନିଜ କାର୍ଯ୍ୟଦକ୍ଷତାର ହିସାବ ଜନତାଙ୍କୁ ଦେବା ଆବଶ୍ୟକ। ବିଜ୍ଞାପନ ଓ ପ୍ରଚାର ନୁହେଁ, ବରଂ ପ୍ରତିଶ୍ରୁତି ପାଳନ ଓ ଜନସାଧାରଣଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ହିଁ ଏକ ସରକାରର ପ୍ରକୃତ ସଫଳତାର ମାପକାଠି ବିଜେଡି ଜିଲ୍ଲା ସଭାପତିତଥା ପୂର୍ବତନ ମନ୍ତ୍ରୀ ଏକପ୍ରେସ ବିବୃତି ମାଧ୍ୟମ ପ୍ରକାଶ କରିଛନ୍ତି ।

୩୩ କୋଟିରେ ଗଢ଼ିବ ୨୦ ଏସଟି ହଷ୍ଟେଲ, ଲାଭ ପାଇବେ ୧୦୦୦ ଛାତ୍ରଛାତ୍ରୀ

ଝାରସୁଗୁଡ଼ା,୧୯/୬(ନି/ପ୍ର): ଜିଲ୍ଲାର ଜନଜାତି ଅଧ୍ୟୁଷିତ ଅଂଚଳଗୁଡ଼ିକରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଆବାସିକ ସୁବିଧା ସୃଷ୍ଟି ଦିଗରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲାର ଲଖନପୁର, ଲଇକେରା ଓ କିର୍ମିରା ବ୍ଲକରେ ୨୦ଟି ନୂତନ ଏସଟି ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ ପାଇଁ ଇ-ଟେଣ୍ଡର ଜାରି କରାଯାଇଛି। ପ୍ରକଳ୍ପ ଅନୁଯାୟୀ ଲଖନପୁର ବ୍ଲକରେ ସର୍ବାଧିକ ୧୦ଟି ହଷ୍ଟେଲ ନିର୍ମାଣ ହେବାକୁ ଥିବାବେଳେ ଲଇକେରା ଓ କିର୍ମିରା ବ୍ଲକରେ ୫ଟି ଲେଖାଏଁ ହଷ୍ଟେଲ ସ୍ଥାପନ କରାଯିବ। ପ୍ରତ୍ୟେକ ହଷ୍ଟେଲରେ ୫୦ ଜଣ ଛାତ୍ରଛାତ୍ରୀଙ୍କ ରହିବା ବ୍ୟବସ୍ଥା ଥିବାରୁ ମୋଟ ୧୦୦୦ ଜଣ ଜନଜାତି ଛାତ୍ରଛାତ୍ରୀ ସିଧାସଳଖ ଭାବେ ଉପକୃତ ହେବେ। ଏହି ସମସ୍ତ ପ୍ରକଳ୍ପ ପାଇଁ ୩୩ କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଜନଜାତି ସମାଜର ଶିକ୍ଷାଗତ ଓ ସାମାଜିକ ସଶକ୍ତିକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଅଂଚଳରେ ଏକାସାଙ୍ଗରେ ୨୦ଟି ହଷ୍ଟେଲ ନିର୍ମାଣ ନିଷ୍ପତି ଜନଜାତି ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ। ସେ କହିଛନ୍ତି ଯେ ଏହି ପଦକ୍ଷେପ ଫଳରେ ଅନେକ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଉନ୍ନତ ଆବାସିକ ସୁବିଧା ପାଇ ଉଚ୍ଚଶିକ୍ଷା ଦିଗରେ ଆଗେଇ ପାରିବେ। ଶିକ୍ଷା ସହିତ ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡ଼କ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ ପାଇଁ ମଧ୍ୟ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଥିବା ସେ ଉଲ୍ଲେଖ କରିଛନ୍ତି। ଦୁର୍ଗମ ଓ ଶିକ୍ଷା ସୁବିଧାରୁ ବଂଚିତ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେଇ ହଷ୍ଟେଲଗୁଡ଼ିକର ସ୍ଥାନ ଚୟନ କରାଯାଇଥିବାରୁ ସ୍ଥାନୀୟ ଲୋକେ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ପରେ ଝାରସୁଗୁଡ଼ା ଜିଲ୍ଲାର ଜନଜାତି ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

ଆଧ୍ୟାତ୍ମିକତା ଓ ଲୋକ ସଂସ୍କୃତିର ବିରଳ ସମାହାର 'ଶୀତଳ ଷଷ୍ଠୀ': ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,୧୯/୬(ନି/ପ୍ର): ଓଡ଼ିଶାର ଗୌରବମୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ବ 'ପବିତ୍ର ଶୀତଳ ଷଷ୍ଠୀ' ଅବସରରେ ସମଗ୍ର ଓଡ଼ିଶାବାସୀ, ବିଶେଷ କରି ସମ୍ବଲପୁରର ଗୁରୁଜନ, ମା', ଭଉଣୀ ଓ ଭାଇମାନଙ୍କୁ ଏକ ଭିଡିଓ ବାର୍ତ୍ତା ଯୋଗେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଙ୍କ ଜରିଆରେ ଦେଇଥିବା ପ୍ରେସ ବାର୍ତ୍ତା ରେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ କହିଛନ୍ତି ଯେ, ଆମ ଓଡ଼ିଆ ଜାତିର ସଂସ୍କୃତି ହେଉଛି ଭାବ ଏବଂ ଭକ୍ତିର ସଂସ୍କୃତି । ଏଠାରେ ପ୍ରତିଟି ପରମ୍ପରା ପଛରେ ସମାଜ ମଙ୍ଗଳର ଏକ ମହାନ୍ ବାର୍ତ୍ତା ଲୁଚି ରହିଥାଏ ।ଯେତେବେଳେ ପ୍ରଚଣ୍ଡ ଖରାରେ ଧରିତ୍ରୀ ଆକୁଳ ହୋଇଉଠେ, ସେତେବେଳେ ସଂସାରକୁ ସୁଖ ଓ ଶୀତଳତା ପ୍ରଦାନ କରିବାକୁ ପ୍ରଭୁ ଶିବ ନିଜେ ଆଗେଇ ଆସନ୍ତି । ସେପରି ଏକ ଅନନ୍ୟ ଆଧ୍ୟାତ୍ମିକ ଓ ସାମାଜିକ ପରମ୍ପରା ହେଉଛି 'ପବିତ୍ର ଶୀତଳ ଷଷ୍ଠୀ'। ଶ୍ରୀ ପ୍ରଧାନ ଏହି ପର୍ବର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି କହିଛନ୍ତି ଯେ, ଶୀତଳ ଷଷ୍ଠୀର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର 'ମାନବୀୟ ଲୀଳା'। ଯେଉଁଠି ସ୍ୱୟଂ ଭଗବାନ ଜଣେ ସାଧାରଣ ମଣିଷ ଭଳି ବରଯାତ୍ରୀ ନେଇ କନ୍ୟାପିତାଙ୍କ ଦୁଆରକୁ ଯାଆନ୍ତି। ଏହି ଉତ୍ସବରେ ଜଣେ ସାଧାରଣ ମଣିଷ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର୍ କରେ ଏବଂ ପ୍ରଭୁ ମଧ୍ୟ ଭକ୍ତର ଗୁହାରି ଶୁଣି ତା'ର ସୁଖ-ଦୁଃଖରେ ସାମିଲ ହୁଅନ୍ତି। ଏହି ପବିତ୍ର ଅବସରରେ ସମଗ୍ର ସମାଜ ସବୁ ଭେଦଭାବ ଭୁଲି ଏକାଠି ହୋଇଥାଏ, ଯାହା ଆମର ପାରିବାରିକ ଓ ସାମାଜିକ ସଂସ୍କାରକୁ ଯୁଗ ଯୁଗ ଧରି ମଜବୁତ କରି ରଖିଛି । ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଏବଂ ଭାବମୟ ପରିଚୟ । ଏହା ଆଧ୍ୟାତ୍ମିକତା, ଧର୍ମଧାରା ଓ ଲୋକ ସଂସ୍କୃତିର ବିରଳ ସମାହାର । 'ଥାଳ ଉଠା', 'ପତର ପେଣ୍ଡି', 'ଗୁଆ ଗୁଣା', 'ଦେବ ନିମନ୍ତ୍ରଣ', 'ଦେବ ବିବାହ' ଏବଂ 'ନଗର ପରିକ୍ରମା' ଭଳି ପ୍ରତ୍ୟେକଟି ପାରମ୍ପରିକ ରୀତିନୀତି ଏହି ପର୍ବକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ମାତା ପାର୍ବତୀ ଓ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତର କଲ୍ୟାଣ ଚେତନା ରହିଛି। ଶୀତଳ ଷଷ୍ଠୀ ଆମ ଭାରତବର୍ଷର 'ଇନଟାଞ୍ଜିବୁଲ୍ କଲଚୁରାଲ ହେରିଟେଜ'ର ଏକ ଭବ୍ୟ ରୂପ, ଯେଉଁଠି ବିଭିନ୍ନ ଲୋକକଳା, ସାଂସ୍କୃତିକ ବାଦ୍ୟ, ପାରମ୍ପରିକ ନୃତ୍ୟ ଏବଂ ଲୋକଗୀତର ଏକ ଅପୂର୍ବ ମହାସଙ୍ଗମ ଦେଖିବାକୁମିଳେ। ଭାରତ ସରକାର ଏହି ଅନନ୍ୟ ଲୋକ ସଂସ୍କୃତିକୁସମ୍ମାନ ଜଣାଇ ଏକ ସ୍ମାରକୀ ଡାକଟିକେଟ ପ୍ରଚଳନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

ସମ୍ବଲପୁର,୧୯/୬(ନି/ପ୍ର): ଓଡ଼ିଶା ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସମ୍ବଲପୁର ଜିଲ୍ଲାରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ବିକାଶର ଧାରା, ଓଡ଼ିଶା ସାରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର,ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ବିଧାୟକ, ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ , ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏସ.ଏ), ଙ୍କ ସମେତ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି, ସୁଭଦ୍ରା ମା', ଅଙ୍ଗନୱାଡ଼ିକର୍ମୀ, ମହିଳା ସ୍ୱେଚ୍ଛାସେବୀ, ଆଶା କର୍ମୀ, ବିଭିନ୍ନ ହିତାଧିକାରୀ ପ୍ରମୁଖ ଉପସ୍ଥିତ ରହି ଏହି ସମାରୋହ ରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ରାଶି / ଉପକରଣ ବଂଟନ ମଧ୍ୟ କରାଯାଇଥିଲା ।ପରିଶେଷରେ ସିଡ଼ିଓ ତଥା ଇଓ ପ୍ରସନ୍ନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ହାର୍ଟ ହସ୍ପିଟାଲରୁ ବିକାଶ ପ୍ରସଙ୍ଗ ପର୍ଯ୍ୟନ୍ତ ବିଧାୟକଙ୍କୁ ଘେରିଲେ ଦୀପାଳି ଦାସ

ଝାରସୁଗୁଡା,୧୯/୬(ନି/ପ୍ର): ଝାରସୁଗୁଡା ସରବହାଲସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟିକା ଦୀପାଳି ଦାସ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ବିଭିନ୍ନ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗରେ ଟାର୍ଗେଟ କରିଛନ୍ତି। ବିଶେଷକରି ହାର୍ଟ ହସ୍ପିଟାଲ, ସ୍ୱାସ୍ଥ୍ୟସେବା, ନିର୍ବାଚନୀ ପ୍ରତିଶ୍ରୁତି ଓ ଅଂଚଳର ବିକାଶମୂଳକ କାର୍ଯ୍ୟକୁ ନେଇ ସେ ତୀବ୍ର ସମାଲୋଚନା କରିଥିଲେ। ଦୀପାଳି ଦାସ କହିଥିଲେ ଯେ ସ୍ୱର୍ଗତ ନବ କିଶୋର ଦାସଙ୍କ ସ୍ୱପ୍ନର ପ୍ରକଳ୍ପ କ୍ୟାନ୍ସର ଓ ହାର୍ଟ ହସ୍ପିଟାଲକୁ ନେଇ ରାଜନୀତି କରିବା ପରିବର୍ତ୍ତେ ବିଧାୟକ ନିଜ କାର୍ଯ୍ୟକାଳ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଦେଖାଇବା ଉଚିତ। ଅନ୍ୟମାନଙ୍କ କାର୍ଯ୍ୟର ଶ୍ରେୟ ନେବା ବନ୍ଦ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ସେ ନିକଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନାବାଳିକାଙ୍କ ସହ ଘଟିଥିବା ଅପରାଧିକ ଘଟଣା ଓ ଇବ୍ ନଦୀରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟଣାରେ ବିଧାୟକଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ କେତେଜଣ ବିଶେଷଜ୍ଞ ଡାକ୍ତର କାର୍ଯ୍ୟରତ ଅଛନ୍ତି, ସେଥିପାଇଁ ମଧ୍ୟ ସ୍ପଷ୍ଟୀକରଣ ଦାବି କରିଥିଲେ। ମଙ୍ଗଳ ବଜାର ହସ୍ପିଟାଲର ଦୟନୀୟ ଅବସ୍ଥା ଏବଂ ଏନଏଚ-୪୯ରେ ବଢୁଥିବା ସଡ଼କ ଦୁର୍ଘଟଣା ରୋକିବା ପାଇଁ ବିଧାୟକ କେଉଁ ପଦକ୍ଷେପ ନେଇଛନ୍ତି ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରସଙ୍ଗ ଉଠାଇ ଦୀପାଳି ଦାସ କହିଥିଲେ ଯେ ଲକ୍ଷ୍ମୀନାରାୟଣ ମ ହା ବି ଦ୍ୟା ଳ ୟ ର ସରକାରୀକରଣ, କେୟାର ହସ୍ପିଟାଲ ପ୍ରସଙ୍ଗର ସମାଧାନ, ପୁରୁଣାବସ୍ତି ଡ୍ରେନ ଓ ପୋଖରୀର ଉନ୍ନତି ଏବଂ ଫ୍ଲାଇ ଆଶ୍ ସମସ୍ୟାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ କାହିଁକି ହୋଇପାରିନାହିଁ, ତାହାର ଉତ୍ତର ବିଧାୟକ ଦେବା ଆବଶ୍ୟକ। ଲ୍ୟାଣ୍ଡ ସ୍କାମିଂ, ଆଶ୍ ଡମ୍ପିଂ ଓ କୋଇଲା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ପ୍ରତି ବିଧାୟକଙ୍କ ନୀରବତାକୁ ମଧ୍ୟ ସେ ସମାଲୋଚନା କରିଥିଲେ। "କଥାରେ ନୁହେଁ, କାମରେ ବିକାଶ ଦେଖାଯାଏ। ପ୍ରଚାରରେ ନେତା ତିଆରି ହୁଅନ୍ତି ନାହିଁ, ଲୋକଙ୍କ ବିଶ୍ୱାସରେ ନେତୃତ୍ୱ ଗଢ଼ିଉଠେ," ବୋଲି ଦୀପାଳି ଦାସ କହିଥିଲେ। ଶେଷରେ ସେ ସୂଚନା ଦେଇଥିଲେ ଯେ କେୟାର ହସ୍ପିଟାଲ ସମ୍ବନ୍ଧୀୟ ସମସ୍ତ ସରକାରୀ ଚିଠିପତ୍ର ଆରଟିଆଇ ମାଧ୍ୟମରେ ସଂଗ୍ରହ କରାଯାଇଛି ଏବଂ ଖୁବ୍‌ଶୀଘ୍ର ତାହା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଝାରସୁଗୁଡାବାସୀ ବର୍ତ୍ତମାନ ଭାଷଣ ନୁହେଁ, ବରଂ କାର୍ଯ୍ୟର ଜବାବ ଚାହୁଁଛନ୍ତି ବୋଲି ବିଜେଡି ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜୟନ୍ତୀ ବାହୁକ, ଚିତ୍ରେଶୀ ପଟେଲ, ଦିଗମ୍ବର ଭୋଇ, ଅଶୋକ ଦାସ, ଆଲୋକ ତ୍ରିପାଠୀ, ତୁଳସୀ ଦାସ ଓ ଜିଲ୍ଲା ଛାତ୍ର ବିଜେଡି ସଭାପତି ଶିବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏସଆଇଆର କାର୍ଯ୍ୟକ୍ରମର ସମୀକ୍ଷା କଲେ ଇସିଆଇ ସଚିବ

ଭୁବନେଶ୍ୱର, ୧୯/୬(ନି/ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬' କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଦୁଇଟି ପୃଥକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ପ୍ରମୁଖ ସଚିବ ଏସ୍. ବି. ଯୋଶୀ ଢେଙ୍କାନାଳ ଜିଲ୍ଲା ଓ ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଶ୍ରୀ ଏସ୍. ବି. ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସିଇଓ ଏମ୍. ଆର ପାରକର ଏବଂ ଡ଼େପୁଟି ସିଇଓ ଶ୍ରୀ ପ୍ରଶାନ୍ତ ନାଗେ ,ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏହି ବୈଠକରେ ସାମିଲ ଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚ୍ନ୍ଦ୍ର ସେଠି, ସମସ୍ତ ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଏବଂ ଡ଼େପୁଟୀ କଲେକ୍ଟର (ନିର୍ବାଚନ) ନିବେଦିତା ରାଉତଙ୍କ ସହିତ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ନିର୍ବାଚନ କମିଶନଙ୍କ ପ୍ରତିନିଧି ଦଳ ବିଭିନ୍ନ ମତଦାନ କେନ୍ଦ୍ର ଏବଂ ଡିଜିଟାଇଜେସନ୍ ସେଟଂରଗୁଡ଼ିକୁ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତାର ପ୍ରତ୍ୟକ୍ଷ ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ,ଭାରତ ନିର୍ବାଚନ ଆୟୋଗ ର ସଚିବସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ର ପ୍ରସ୍ତୁତି ଓ ଅଗ୍ରଗତି ର ସମୀକ୍ଷା କରି ଛନ୍ତି ।ଅନୁଗୋଳଠାରେ ଆୟୋଜିତ ସମୀକ୍ଷା ବୈଠକରେ

ଦେବାଧିଦେବ ମହାଦେବଙ୍କ ଦିବ୍ୟ ବିବାହ ଶୋଭାଯାତ୍ରାରେ ହଜାର ହଜାର ଲୋକଙ୍କର ସମାଗମ

ରାଉରକେଲା,୧୯/୬(ନି/ପ୍ର): ଶୀତଳଷଷ୍ଠୀ ଅବସରରେ ଦେବାଧିଦେବ ମହାଦେବଙ୍କ ଦିବ୍ୟ ବିବାହ ଶୋଭାଯାତ୍ରା ରାଉରକେଲା ସହରରେ ଅନୁଷ୍ଠିତ ହୋଇଯାଇଛି। ଶୀତଳଷଷ୍ଠୀ ଉତ୍ସବର ସବୁଠାରୁ ପ୍ରତୀକ୍ଷିତ ପର୍ଯ୍ୟାୟ ହେଲା ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କ ପ୍ରତୀକାତ୍ମକ ଦିବ୍ୟ ବିବାହରେ ଇସ୍ପାତ ନଗରୀ ରାଉରକେଲା ଭକ୍ତି, ପରମ୍ପରା ଏବଂ ଉତ୍ସବର ପରିବେଶରେ ବୁଡ଼ି ଯାଇଥିଲା। ଭୋଳା ବାବା ମହାଦେବ ଭାବରେ ପ୍ରସିଦ୍ଧ ଭଗବାନ ଶିବଙ୍କ ଭବ୍ୟ ବିବାହ ଶୋଭାଯାତ୍ରା ଦେଖିବା ପାଇଁ ହଜାର ହଜାର ଭକ୍ତ ଏବଂ ଦର୍ଶକ ରାସ୍ତା ଉପରେ ଭିଡ଼ ଜମାଇଥିଲେ। ଏ ବର୍ଷର ଉତ୍ସବରେ ପ୍ରମୁଖ ଆକର୍ଷଣ ମଧ୍ୟରୁ ଗୋଟିଏ ଥିଲା ଉଦିତନଗର ପଟଂଦେବ ମନ୍ଦିରରୁ ଆରମ୍ଭ ହୋଇଥିବା ଦେବାଧିଦେବ ମହାଦେବଙ୍କ ବାରାତ। ପାରମ୍ପରିକ ପୋଷାକରେ ସଜ୍ଜିତ ଏବଂ ସୁନ୍ଦର ସଜ୍ଜିତ ରଥରେ ବସିଥିବା ଦିବ୍ୟ ବର ଭଗବାନ ଶିବଙ୍କ ସହିତ ସ୍ୱର୍ଗୀୟ ବିବାହ ଦଳର ସଦସ୍ୟମାନଙ୍କୁ ଚିତ୍ରଣ କରୁଥିବା ଶହ ଶହ ଭକ୍ତ ଉପସ୍ଥିତ ଥିଲେ। ଏହି ସ୍ପନ୍ଦନଶୀଳ ଶୋଭାଯାତ୍ରାରେ ପାରମ୍ପରିକ ସଂଗୀତ ବ୍ୟାଣ୍ଡ, ଭକ୍ତି କୀର୍ତ୍ତନ, ସାଂସ୍କୃତିକ ପ୍ରଦର୍ଶନ, ସାଜସଜ୍ଜା ସାରଣୀ ଏବଂ ସମସ୍ତ ବୟସ ଗୋଷ୍ଠୀର ଭକ୍ତଙ୍କ ଉତ୍ସାହୀ ଅଂଶଗ୍ରହଣ ଥିଲା। ଶୋଭାଯାତ୍ରାଟି ସହରର ମୁଖ୍ୟ ରାସ୍ତା ଦେଇ ଗତି କରୁଥିଲାବେଳେ ହଜାର ହଜାର ଭକ୍ତ ଦିବ୍ୟ ବରର ଏକ ଝଲକ ପାଇବା ପାଇଁ ଆଗ୍ରହୀ ହୋଇ ରାସ୍ତା କଡ଼ରେ ଠିଆ ହୋଇ ରହିଥିଲେ। 'ହର ହର ମହାଦେବ' ଧ୍ୱନି ଏବଂ ଭକ୍ତି ଗୀତରେ ବାୟୁମଣ୍ଡଳ ପ୍ରଚଣ୍ଡ ଭାବରେ ପ୍ରତିଧ୍ୱନିତ ହେଉଥିଲା। ଏଥିରେ ସମଗ୍ର ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ସଂଗଠନ ମଧ୍ୟ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ରଙ୍ଗ ଏବଂ ମହିମା ଯୋଗ ଦେଇଥିଲେ। ନିର୍ଦ୍ଧାରିତ କନ୍ୟା ପାର୍ବତୀଙ୍କ ବାସଭବନରେ, ଭଗବାନ ଶିବଙ୍କୁ ସ୍ୱାଗତ କରିବା ଏବଂ ପାରମ୍ପରିକ ରୀତିନୀତି ଅନୁସାରେ ପବିତ୍ର ବିବାହ ବିଧି ପରିଚାଳନା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସହରବାସୀ ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କ ଆନୁଷ୍ଠାନିକ ମିଳନକୁ ଉତ୍ସାହର ସହିତ ଅପେକ୍ଷା କରିଥିବାରୁ ପୂଜାରୀ ଏବଂ ଭକ୍ତମାନେ ପ୍ରସ୍ତୁତିରେ ନିୟୋଜିତ ରହିଥିଲେ। ଯାହା ଏକ ସମନ୍ୱୟ, ସମୃଦ୍ଧି ଏବଂ ଦିବ୍ୟ ଆଶୀର୍ବାଦର ପ୍ରତୀକ। ପଶ୍ଚିମ ଓଡ଼ିଶାର ସବୁଠାରୁ ପୂଜ୍ୟ ଧାର୍ମିକ ଉତ୍ସବ ମଧ୍ୟରୁ ଗୋଟିଏ ହେଉଛି ଶୀତଳଷଷ୍ଠୀ ପର୍ବ। ବିଶାଳ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଏବଂ ପ୍ରତିବର୍ଷ ବିଭିନ୍ନ ଅଂଚଳରୁ ଶୀତଳଷଷ୍ଠୀ ଭକ୍ତମାନଙ୍କୁ ଆକର୍ଷିତ କରେ। ଏହାର ଧାର୍ମିକ ଗୁରୁତ୍ୱ ବ୍ୟତୀତ, ଏହି ଉତ୍ସବ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସାମ୍ପ୍ରଦାୟିକ ସଦ୍ଭାବ ଏବଂ ସ୍ଥାୟୀ ପରମ୍ପରାର ଏକ ସ୍ପନ୍ଦନଶୀଳ ପ୍ରଦର୍ଶନ ଭାବରେ ଶୀତଳଷଷ୍ଠୀ କାର୍ଯ୍ୟ କରେ। ଚମତ୍କାର ସାଜସଜ୍ଜା, ଭକ୍ତିପୂର୍ଣ୍ଣ ଉତ୍ସାହ ଏବଂ ପ୍ରବଳ ଜନସମାଗମ ସହିତ ରାଉରକେଲା ବିଶ୍ୱାସ ଏବଂ ଉତ୍ସବର ମହାନ କେନ୍ଦ୍ରରେ ପରିଣତ ହୋଇଛି। ସହରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପରମ୍ପରାରେ ଆଉ ଏକ ସ୍ମରଣୀୟ ନିଦର୍ଶନ। ରୀତିନୀତି, ଆଧ୍ୟାତ୍ମିକ ସମାବେଶ ଏବଂ ଆନନ୍ଦ ଉତ୍ସବ ମଧ୍ୟରେ ଦିବ୍ୟ ବିବାହ ଉତ୍ସବ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରି ରହିଥିଲା।

ବିଶ୍ୱ ବାଇସାଇକେଲ ଦିବସରେ ଖେଲୋ ଇଣ୍ଡିଆ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ମହିଳା ଅସ୍ମିତା ସାଇକେଲିଂ ଲିଗ୍

ରାଉରକେଲା,୧୯/୬(ନି/ପ୍ର): ବିଶ୍ୱ ବାଇସାଇକେଲ ଦିବସ ପାଳନ ଅବସରରେ ଖେଲୋ ଇଣ୍ଡିଆ ଅନ୍ତର୍ଗତ ଆଜି ରାଉରକେଲାର ସେକ୍ଟର-୧୩ ମେଳନ ପଡିଆରେ ସହର ଓ ଜିଲ୍ଲା ସ୍ତରୀୟ ମହିଳା ଅସ୍ମିତା ସାଇକେଲିଂ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ ଅସ୍ମିତା ସାଇକେଲିଂ ଲିଗରେ ବିଭିନ୍ନ ସଂଗଠନର ମହିଳା ସଦସ୍ୟଙ୍କ ସହ ସ୍କୁଲ ଓ କଲେଜର ଯୁବତୀମାନେ ଅଂଶଗ୍ରହଣ କରିବା ସହିତ ସାଇକେଲିଂ ଲିଗରେ ଭାଗ ନେଇଥିଲେ। ଅସ୍ମିତା ସାଇକେଲିଂ ଲିଗ୍ ପ୍ରାରମ୍ଭରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସେକ୍ଟର-୧୩ ମେଳନ ପଡିଆରୁ ସବୁଜ ପତାକା ଦେଖାଇ ସାଇକେଲିଂର ଶୁଭାରମ୍ଭ କରାଯାଇଥିଲା। ପ୍ରତିଯୋଗୀମାନେ ଶୁଭାରମ୍ଭ ସ୍ଥଳ ସେକ୍ଟର-୧୩ ମେଳନ ପଡିଆରୁ ବାହାରି ରିଂ-ରୋଡର ୭/୧୭ ଛକ ପର୍ଯ୍ୟନ୍ତ ଯାଇ ପୁଣି ସେକ୍ଟର-୧୩ ମେଳନ ପଡିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅର୍ଥାତ୍ ସେମାନଙ୍କୁ ୫ କିଲୋମିଟର ପର୍ଯ୍ୟନ୍ତ ସାଇକେଲିଂ କରିବାକୁ ପଡିଥିଲା। ଭାରତ ସରକାରଙ୍କ ଯୁବ ଓ ସ୍ପୋର୍ଟସ ମନ୍ତ୍ରାଳୟ, ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ, ଫିଟ୍ ଇଣ୍ଡିଆ, ସିଏଫ୍ଆଇ ଏବଂ ଓଡିଶା ସାଇକେଲିଂ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ଆଜିର ବିଶ୍ୱ ବାଇସାଇକେଲ ଦିବସରେ ଅସ୍ମିତା ସାଇକେଲିଂ ଲିଗରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଶ୍ରୀ ଶ୍ରୀ ଆଖଣ୍ଡଳମଣି ମନ୍ଦିରରେ ଶିବ ବିବାହ ମହାସମାରୋହରେ ସମ୍ପନ୍ନ

ରାଉରକେଲା,୧୯/୬(ନି/ପ୍ର): କୋଏଲ ନଗର ଏ ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାବା ଆଖଣ୍ଡଳମଣି ମନ୍ଦିରରେ ପ୍ରଥମ ଥର ପାଇଁ ଶିବ ବିବାହ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ କୋଏଲ ନଗର ସ୍ଥିତ ଏ ବ୍ଲକ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାବା ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନ୍ୟା ପିତା ମାତା ଭାବେ ସନ୍ତୋଷ ପାଣିଗ୍ରାହୀ ଓ ଲକ୍ଷ୍ମୀ ପାଣିଗ୍ରାହୀ ତଥା ବର ପିତା ମାତା ଭାବେ ବିଷ୍ଣୁଚରଣ ପଣ୍ଡା ଓ ରୁକ୍ମିଣୀ ପଣ୍ଡା, ସର୍ବୋପରି ପୂଜକ ଭାବେ ମାନସ ରଞ୍ଜନ ପଣ୍ଡା ଓ ପରମେଶ୍ୱର ପତି ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ରୁଦ୍ରାଭିଷେକ, ଚଣ୍ଡିପାଠ, ବରଯାତ୍ରୀ ପ୍ରୋସେସନ,ବାଜା, ବାଣ,ଭଜନ, କୀର୍ତନ ଓ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା । ମହାଦେବ ଶିବଙ୍କ ପ୍ରୋସେସନ କୋଏଲ ନଗର ଡି ବ୍ଲକ,ଇ ବ୍ଲକ ହୋଇ ଏବି ଛକ ହୋଇ ମନ୍ଦିର କୁ ଫେରିଥିଲା। ସେଠାରେ ନୀତି ନିୟମ ଅନୁଯାୟୀ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଶିବପାର୍ବତୀଙ୍କ ଆଶ୍ରିବାଦ ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଇଂ ଆଲୋକ ରଂଜନ ମଲ୍ଲିକ,ଡ ସନାତନ ପ୍ରଧାନ, ଡ଼ା ଜୟନ୍ତ ଆଚାର୍ଯ୍ୟ,ବ୍ରଜେନ୍ଦ୍ର ଦାଶ, ପ୍ରଦୀପ ପଣ୍ଡା, ମନୋଜ କୁମାର ପଣ୍ଡା, ଅମୂଲ୍ୟ ମିଶ୍ର, ପୁଷ୍ପାଞ୍ଜଳି ଅନୁଷ୍ଠାନର ସର୍ବଶ୍ରୀ ଦିଗନ୍ତ ପାଣି, ସୁଶାନ୍ତ ଲେଙ୍କା, ଦୈତାରୀ ସାହୁ, ବାବୁଲି ହାତୀ,ବନ ମହାରଣା , ଦଇତାପତି ସର୍ବଶ୍ରୀ ତୁଷାର ସାହୁ, ବିବେକାନନ୍ଦ ପଣ୍ଡା, ରବିନାରାୟଣ ହୋତା, ରାଜେଶ ମହାନ୍ତି,ବରଦା ମହାନ୍ତି,ଝିରିପାଣି ଥାନା ପ୍ରଭାରୀ ପ୍ରଦୀପ କୁମାର ନାୟକ, ଏଏସଆଇ ଲଲନ ସେଠୀ, ସାମ୍ବାଦିକ କୁଞ୍ଜବିହାରୀ ରାଉତ ଓ ସସ୍ମିତା ପ୍ରଧାନ ଙ୍କ ସହ ବହୁ ସହସ୍ରାଧିକ ଉତ୍ସାହୀ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

ଦେଶି ମଦ ଚାଲାଣ ବେଳେ ଚଢଉ, ୨ ଗିରଫ

ଜୟପୁର,୧୯/୬(ନି/ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇଛି । ଚଢଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରତାଖଣ୍ଡି ଗ୍ରାମର ନନ୍ଦ ସୁକିଆ (୩୮) ଓ ଉମୁରି ଗ୍ରାମର କୈଳାଶ ଚୈଧୁରି । ସୂଚନା ଅନୁଯାୟୀ, ୨ଟି ବାଇକରେ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଆଜି ବିଜେ ୨ ରାସ୍ତା ରେ ଓ ଢେପଗୁଡାର ଚଢଉ କରିଛି । ଚଢଉ କରି ୨ଟି ବାଇକ ସହ ୫୫ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି

ଗରିମା ପରିବାର ଓ ଲାୟନ୍ସ ଇଂଟରନ୍ୟାସନାଲ ମିଳିତ ସହଯୋଗରେ ରଜ ରାଜକୁମାରୀ ସିଜିନ୍-୫ ଅନୁଷ୍ଠିତ

ବିଶେଷ ଆକର୍ଷଣ ସିନେଷ୍ଟାର ଭୂମିକା ଏବଂ ପୁପିନ୍ଦର

ରାଉରକେଲା,୧୯/୬(ନି/ପ୍ର): ଗରିମା ପରିବାର ଏବଂ ଲାୟନ୍ସ ଇଂଟରନ୍ୟାସନାଲ ରାଉରକେଲା ପକ୍ଷରୁ ରଜ ମଉଜ - ରଜ ରାଜକୁମାରୀ ସିଜିନ ୫ ସ୍ଥାନୀୟ ସିଭିକ ସେ୍ଟର୍ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗରିମା ପରିବାରର ପ୍ରତିଷ୍ଠାତା ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଓ ଅଧ୍ୟକ୍ଷା ନିହାରିକା ବସ୍ତିଆ ଓ ସଭାପତି ମମତା ନାୟକ ଙ୍କ ଆବାହକତ୍ୱ ତଥା ଲାୟନ୍ସ ଇଂଟରନ୍ୟାସନାଲ ଲେଡି ଲାୟନ୍ସର କର୍ମକର୍ତାମାନେ ଉପସ୍ଥିତିରେ ରଜ ମଉଜ - ରଜ ରାଜକୁମାରୀ ସିଜିନ୍-୫ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶେଷ ଆକର୍ଷଣରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଏବଂ ଅଭିନେତା ପୁପିନ୍ଦରଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା । ମୋନାଲିସା ସାହୁ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆରଏସପି ସଂଚାର ବିଭାଗର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଏନ୍ଆଇଟି କେନ୍ଦ୍ରୀୟ ବିଦ୍ୟାଳୟ ର ଅଧ୍ୟକ୍ଷା ପି ନୀରଜା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଅତିଥି ମାନେ ଏହାକୁ ଏକ ଅନନ୍ୟ ଓ ନାରୀ ସଶକ୍ତିକରଣ ର ନିଦର୍ଶନ ବୋଲି ଅବହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ତଥା ବିଚାରକ ଦାୟିତ୍ୱ ତୁଲାଇଥିବା ବିଜୟଲକ୍ଷ୍ମୀ ପଟ୍ଟନାୟକ,ମୀରା ମିଶ୍ର,ସାଗରିକା ସେନାପତି, ନମିତା ମହାପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ରଜ ରାଜକୁମାରୀ ପ୍ରତିଯୋଗିତାରେ ଶ୍ରେଷ୍ଠ ୭ ଜଣ ପ୍ରତିଯୋଗୀ ଆରାଧ୍ୟା ମିଶ୍ର,ଶ୍ରେୟସୀ ମହାନ୍ତି,ପୂଜାରାଣୀ ସାହୁ, ଅଙ୍କିତା ନାୟକ, ପ୍ରିୟଙ୍କା,ସୌମ୍ୟଶ୍ରୀ ଦାଶ,କାଶିଶ ଲୋଗାନୀ ଙ୍କ ମଧ୍ୟରେ ବିଚାରକ ତଥା ଭୁମିକା ଓ ପୁପିନ୍ଦର ଙ୍କ ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ରଖି ସୌମ୍ୟଶ୍ରୀ ଦାଶ ଚଳିତ ରଜ ରାଜକୁମାରୀ ସିଜିନ ୫ର ବିଜେତା ହୋଇଥିଲେ ବହୁ ପୁରସ୍କାର ଲାଭ କରିଥିଲେ। ସେହିପରି ଫାଇନାଲ କୁ ଉନ୍ନୀତ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲାୟନ ଇଂଟରନ୍ୟାସନାଲ ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମ, ରାଧିକା ଗୌତମ, ନିବେଦିତା ମିଶ୍ର,ଦୁର୍ଗେଶ ନନ୍ଦିନୀ,ଗୌତମ ମିଶ୍ର,ଅରୁଣ ନାୟକ, ଦିଲ୍ଲିପ ମହାପାତ୍ର,ପି ସି ନାୟକ,ତୁହିନା,ମୀନୁ, କୁଲଦୀପ, ଇନ୍ଦ୍ରମଣି, ଆରତୀ, ରେଖା ପ୍ରମୁଖ ଉପସ୍ଥିତ ଥିଲାବେଳେ, ଗରିମା ପରିବାରର ଉପଦେଷ୍ଟା ରଶ୍ମିତ ସାହାଣୀ,ଲୁସି ଦାଶ,ପୃଷ୍ଠପୋଷକ ଡ ସମ୍ବାଦିକା ମହାନ୍ତି, ସମ୍ବାଦିକା ଡ ସରିତା ମଲ୍ଲ, ଉପାଧ୍ୟକ୍ଷା ପ୍ରଣତୀ ଜେନା, ଆବାହକ ସୁମିତା,ଶଙ୍ଖରିନା, ଶାନ୍ତିଲତା, ଶର୍ମିଳା, ରେବତୀ, ସନ୍ତୋଷୀ, ଲୀନା, ରଶ୍ମିତା, ରଶ୍ମି, ମୀନାକ୍ଷୀ, ସବିତା, ମୋନାଲିସା, ସୁନିତା,ମମତା, ଶୁଭଲକ୍ଷ୍ମୀ, ମୀନତି,ଦେବସ୍ମିତା,ଅଞ୍ଜୁ, ତପସ୍ୱିନୀ, ସସ୍ମିତା, ଗାୟତ୍ରୀ, ରଞ୍ଜିତା, ବିଷ୍ଣୁପ୍ରିୟା, ରିମି,ବ୍ରତତୀ ତଥା ସ୍ୱତନ୍ତ୍ର ଅତିଥି ଭାବେ ସୁନିଲ କାୟଲ, ସନ୍ତୋଷ ଅଗ୍ରୱାଲ, ପ୍ରାକ୍ତନ ସିଆରପିଏଫ ଡିଆଇଜି ଦୟାନିଧି ତନ୍ତୀ, ସୁନ୍ଦରଗଡ ଜେଲ ଅଧିକ୍ଷକ ଜୀବନ ସିଂ ମୁଣ୍ଡା, ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଶିଷ୍ଟ ଅତିଥି ଭୂମିକା ଓ ପୁପିନ୍ଦର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ।

ଜିଲ୍ଲାପାଳ ଓ ଏସ୍‌ପିଙ୍କ ତ୍ୱରାନ୍ୱିତ ଉଦ୍ୟମ ଯୋଗୁଁ ୫ ଲକ୍ଷ ଫେରିପାଇଲେ ବୃଦ୍ଧା

ବଲାଙ୍ଗୀର,୧୯/୬: ଅସହାୟ ଓ ଗରିବ ଲୋକଙ୍କ ସହ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ସଦାସର୍ବଦା ରହିଛି। ସୁକତେଲ ବୁଢ଼ି ଅଂଚଳର ଜଣେ ଅସହାୟା ବିସ୍ଥାପିତ ବୃଦ୍ଧାଙ୍କ ମୁହଁରେ ହସ ଫେରାଇ ତାହାକୁ ପ୍ରମାଣ କରିଦେଖାଇଛି ଜିଲ୍ଲା ପ୍ରଶାସନ। ଜଣେ ଦୁର୍ବୃତ୍ତ ଟଂଚକତା କରି ବୃଦ୍ଧାଙ୍କ ଆକାଉଂଟରୁ ୫ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ବଲାଙ୍ଗୀର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜିଙ୍କ ମିଳିତ ଓ ତ୍ୱରାନ୍ୱିତ ଉଦ୍ୟମ ଯୋଗୁଁ ବୃଦ୍ଧାଙ୍କୁ ନ୍ୟାୟ ମିଳିପାରିଛି। ଆଜି ସେ ନିଜର ସମସ୍ତ ଟଙ୍କା ଫେରିପାଇଛନ୍ତି। ସଦର ଥାନା ଅନ୍ତର୍ଗତ ବଡ଼ ତେଲେନପାଲି ଗ୍ରାମର ବୃଦ୍ଧା ପୁରାଣ ଧରୁଆ, ତାଙ୍କର ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି ଏବଂ ପୁଅଝିଅ କେହି ନାହାନ୍ତି, ସୁକତେଲ ପ୍ରକଳ୍ପ ବିସ୍ଥାପନ ବାବଦକୁ ମିଳିଥିବା କ୍ଷତିପୂରଣ ଟଙ୍କାକୁ ସେ ବାକି ଜୀବନ ବଂଚିବା ପାଇଁ ବ୍ୟାଙ୍କରେ ଜମା ରଖିଥିଲେ।



କୃଷି ଓ ସଶକ୍ତ କୃଷକ ବିଭାଗର ଉପଲବ୍ଧି ନେଇ ସଚେତନ ସଭା

ନୂଆପଡା,୧୯/୬(ନି/ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ପ୍ରଶାସନ ପକ୍ଷରୁ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଦ୍ୱିତୀୟ ଦିବସରେ ପହଂଚିଛି। କୃଷି ଓ ସଶକ୍ତ କୃଷକ ବିଭାଗର ଉପଲବ୍ଧି ନେଇ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର୍ ଅଧ୍ୟକ୍ଷତା କରିଥିବା ବେଳେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ସରକାର ସଂକଳ୍ପ ବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ଅତ୍ୟାଧୁନିକ ଜୈବିକ ପ୍ରଣାଳୀ ଚାଷ କରିବା ଦ୍ୱାରା ଜମିର ଉର୍ବରତା ବଜାୟ ରହିବା ସହ ଅଧିକ ଉତ୍ପାଦନ ହେବ ବୋଲି ଆହ୍ୱାନ କରିଥିଲେ। ସଭାରେ ଜିଲା ପରିଷଦ ମାଲ୍ୟବନ୍ତ ସୁନା, ଆତ୍ମା ଅଧ୍ୟକ୍ଷ ନବୀନ ନାଏକ, ସାମାଜିକ କର୍ମୀ ଅଜିତ କିଶୋର ଚଲାନ, ଡିଖାଲି ଜଳ ସେଚନ ପ୍ରକଳ୍ପ ପାଣି ପଂଚାୟତ ଅଧ୍ୟକ୍ଷ ସୁଶାନ୍ତ କୁମାର ବିଶି, ତୁଆଝ ପେକ୍ସ ଅଧ୍ୟକ୍ଷ ଯୁବରାଜ ଜଗତ, ଯୁଧିଷ୍ଠିର ହଂସ ପ୍ରମୁଖ ଯୋଗ ଦେଇଥିଲେ।

ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ପକ୍ଷରୁ ଏସଏଚଜି ପଣଧାରୀଙ୍କ ସହ 'ମେଲ୍ ମିଳାପ୍' ଆଲୋଚନାଚକ୍ର

ରାଉରକେଲା,୧୯/୬(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସିଏସଆର ବିଭାଗ ପକ୍ଷରୁ ଜୁନ୍ ୧୩ ତାରିଖ ଦିନ ଲାଠିକଟା ବ୍ଲକର ବାଲାଣ୍ଡା ଗ୍ରାମ ପଚାଂୟତ କାର୍ଯ୍ୟାଳୟଠାରେ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ 'ମେଲ୍ ମିଲାପ୍' ଆୟୋଜିତ ହୋଇଯାଇଛି। ସିଏସଆର ବିଭାଗ ର ଭାରପ୍ରାପ୍ତ ମହାପ୍ରବନ୍ଧକ ସୁଶ୍ରୀ ମୁନମୁନ ମିତ୍ର ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଉପ ମହାପ୍ରବନ୍ଧକ ଶ୍ରୀ ପି. ସାହୁ, ବାଲାଣ୍ଡା ଗ୍ରାମ ପଚାଂୟତର ସରପଂଚ ଶ୍ରୀ ଯୋଗେଶ୍ୱର କିଷାନ, ବାଲାଣ୍ଡା ଗ୍ରାମ ପଚାଂୟତର ମାଷ୍ଟର ବୁକ୍ କିପର ସୁଶ୍ରୀ ମେରୀ କ୍ରିଆନ ଡିଗା, ସିଏସଆର ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଛତୁ ଚାଷ ତାଲିମ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, କମ୍ୟୁନିଟି ରିସୋର୍ସ ପର୍ସନ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ମିଶାଇ ପ୍ରାୟ ୫୦ ଜଣ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ। ସୁଶ୍ରୀ ମୁନମୁନ ମିତ୍ର ଅଂଶଗ୍ରହଣକାରୀମାନଙ୍କ ସହ ସେମାନଙ୍କର ସଫଳତାର ଯାତ୍ରା ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଅଚଂଳରେ ଆଗାମୀ ଦିନରେ ଆରଏସପି- ସିଏସଆର ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଆରଏସପି ର ବିକାଶମୂଳକ ଆଭିମୁଖ୍ୟରେ 'ଜନ ଭାଗିଦାରୀ' ବା ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ପାରସ୍ପରିକ ଶିକ୍ଷା ଓ ଜ୍ଞାନର ଆଦାନପ୍ରଦାନକୁ ସହଜ କରିବା ପାଇଁ ଏହି 'ମେଲ୍ ମିଲାପ୍' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଆଲୋଚନା ସମୟରେ ଛତୁ ଚାଷ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' ତାଲିମର ସ୍ଥିତି ଓ ସମୀକ୍ଷା କରାଯାଇଥିଲା। ଏସଏଚଜି ଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମର ପ୍ରଭାବକୁ ଆକଳନ କରିବା ଏବଂ ଭବିଷ୍ୟତରେ ବିକାଶ, ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ସାମଗ୍ରିକ ଅଭିବୃଦ୍ଧି ପାଇଁ ସୁଯୋଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିସ୍ତୃତ ମତାମତ ଓ ମୂଲ୍ୟାଙ୍କନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀ ପି. ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ଜି. ଆର. ନାୟକ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ବି. ଏକ୍କା ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।